

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 JUNE 2023

Vol.No. 35 ■ No. 170■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସମାନ ନାଗରିକ ସଂହିତା ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୟାନକୁ ନେଇ ଝଡ଼

## ବିରୋଧୀଙ୍କ ପ୍ରଶ୍ନ ଭିତରେ ୟୁସିସିକୁ ସମର୍ଥନ ଜଣାଇ ଚର୍ଚ୍ଚାରେ ଆମ ଆଦମୀ ପାର୍ଟି



ନୂଆଦିଲ୍ଲୀ,୨୮/୦୬ : ୟୁନିଫର୍ମ ସିଭିଲ କୋଡ୍ ବା ସମାନ ନାଗରିକ ସଂହିତାକୁ ନେଇ ଆରମ୍ଭ ହୋଇଛି ବିତର୍କ । ମଙ୍ଗଳବାର ମଧ୍ୟପ୍ରଦେଶ ରାଲିରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ ସମାନ ନାଗରିକ ସଂହିତା ଲାଗୁ ହେବା ନେଇ ସଙ୍କେତ ଦେବା ପରେ ଝଡ଼ ସୃଷ୍ଟି ହୋଇଛି । ମୋଦୀଙ୍କ ବୟାନକୁ ନେଇ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରିଛନ୍ତି ବିରୋଧୀ । ରାଲିରେ ମୋଦୀ କହିଥିଲେ ଦେଶରେ ସମାନ ନାଗରିକ ସଂହିତାଙ୍କୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି । ଭୋଟବ୍ୟାଙ୍କ ରାଜନୀତି ପାଇଁ ମୁସଲିମ ସମ୍ପ୍ରଦାୟଙ୍କୁ ଉତ୍ତେଜିତ କରାଯାଉଛି । ସିଭିଲ କୋଡ ନାଁରେ ଦେଶରେ ଦୁଇଟି ଆଇନ ଚାଲିପାରିବ ନାହିଁ । ସେହିପରି ତିନି ତଲାକ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ବିରୋଧୀ ଗୋଷ୍ଠୀଙ୍କୁ ଟାର୍ଗେଟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେଉଁମାନେ ତିନି ତଲାକ ସପକ୍ଷରେ ଯୁକ୍ତି କରୁଛନ୍ତି ସେମାନେ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି । ମୁସଲିମ ମହିଳା ଓ ଝିଅଙ୍କ ପ୍ରତି ଅନ୍ୟାୟ ହେଉଛି । ତିନି ତଲାକ କେବଳ ପତ୍ନୀକୁ ମାନସିକ ନିର୍ଯ୍ୟାତନା ଦେଉନି ବରଂ ପୂରା ପରିବାରକୁ ନଷ୍ଟ କରୁଛି । ମୁସଲିମ ମା ଓ ଭଉଣୀଙ୍କ ସହ ବିଜେପି ସର୍ବଦା ସମର୍ଥନ ଦେଇ ଆସୁଛି । ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ବୟାନକୁ ନେଇ ବିରୋଧୀଦଳମାନେ ମିଳିତ ଆକ୍ରମଣ କରିଛନ୍ତି । ମୋଦୀ ସରକାର ବେକାରୀ, ଦାରିଦ୍ର୍ୟ, ଦରଦାମ ବୃଦ୍ଧି, ମଣିପୁର ହିଂସା, ଆଦି ସମ୍ବେଦନଶୀଳ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବାପାଇଁ ୟୁସିସିକୁ ଏକ ପ୍ରସଙ୍ଗ କରିବାକୁ ଚାହୁଁଥିବା ବିରୋଧୀ କହିଛନ୍ତି । କିଛି ଦିନ ପୂର୍ବରୁ ଆଇନ କମିଶନ ପକ୍ଷରୁ ସମାନ ନାଗରିକ ସଂହିତାକୁ ନେଇ ପରାମର୍ଶ ମଗାଯାଇଥିବା ଘଟଣା ଚର୍ଚ୍ଚାରେ ରହିଥିଲା । ଆଉ ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୟାନ ଚର୍ଚ୍ଚାକୁ ବିବାଦ ରୂପ ଦେଇଛି । ଏହାରି ମଧ୍ୟରେ ଆମ୍ ଆଦମୀ ପାର୍ଟି କେନ୍ଦ୍ର ସରକାରଙ୍କ ସମାନ ନାଗରିକ ସଂହିତା ପ୍ରସଙ୍ଗରେ ସମର୍ଥନ ଜଣାଇଛି।


DADLS-17



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)

OIPR: 15001/13/0065/2324


# ସିଂହଦ୍ୱାର ସାମ୍ନାରେ ଲାଗିଲା ୩ ରଥ: ଆଜି ଦିନ ୨ଟାରେ ମହାପ୍ରଭୁଙ୍କ ସୁନାବେଶ



ପୁରୀ, ୨୮/୦୬ (ନି.ପ୍ର): ବାହୁଡ଼ିଲେ ମହାବାହୁ। ସିଂହଦ୍ୱାର ସାମ୍ନାରେ ଲାଗିଲା ୩ ରଥ। ପ୍ରଥମେ ତାଳଧ୍ୱଜ, ଦର୍ପଦଳନ ପରେ ଲାଗିଲା ନନ୍ଦିଘୋଷ ରଥ। ଆଜି ସଂଧ୍ୟା ୬ଟା ୪୩ରେ ସିଂହଦ୍ୱାର ସାମ୍ନାରେ ଲାଗିଲା ନନ୍ଦିଘୋଷ। ସିଂହଦ୍ୱାର ସମ୍ମୁଖରେ ତିନି ରଥ ପହଞ୍ଚିବା ପରେ ସେବାୟତମାନେ ଏକ ସ୍ୱରରେ ଗୀତଗୋବିନ୍ଦ ଗାନ କରିଥିଲେ। ଆସନ୍ତାକାଲି ହେବ ମହାପ୍ରଭୁଙ୍କ ସୁନାବେଶ। ମହଣ ମହଣ ସୁନାରେ ମହାବାହୁ ମଣ୍ଡିତ ହେବେ। ସୁନାପାଦ, ସୁନା ହାତ, ସୁନା କିରଟୀରେ ପ୍ରଭୁ ଝିଲ୍ ?ମିଲ୍ ? ଦିଶିବେ। ମହାପ୍ରଭୁଙ୍କ ଏହି ଦିବ୍ୟ ସୁନା ବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ ଜମିବ। ଜନ୍ମବେଦୀ ସରିଲା ମହାପ୍ରଭୁଙ୍କ ଲୀଳାଖେଳା। ଏବେ ଶ୍ରୀମନ୍ଦିର ବାହୁଡ଼ି ଯିବାର ବେଳ। ସେଥିପାଇଁ ଶରଧାବାଲିରୁ ସିଂହଦ୍ୱାର ଜନସମୁଦ୍ର। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ।

▶▶ପୃଷ୍ଠା ୭

# ରଥଟଣା ବେଳେ ଅଘଟଣ: ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ମୃତ, ୧୮ ଗୁରୁତର

ତ୍ରିପୁରା, ୨୮/୦୬ (ନି.ପ୍ର): ରଥଟଣା ବେଳେ ଅଘଟଣ। ବୁଧବାର ତ୍ରିପୁରାର ୟୁନାକୋଟି ଜିଲ୍ଲାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରଥ ଜଳିଗଲା।ଏହି ଅଘଟଣରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ଭିତରେ ଦୁଇଜଣ ଶିଶୁ ଅଛନ୍ତି। ପାଖାପାଖି ଅପରାହ୍ନ ସାଢ଼େ ୪ଟା ବେଳେ ଏହି ଘଟଣା ଘଟିଛି। କୁମାଘାଟ ଅଞ୍ଚଳରେ ବାହୁଡ଼ାଯାତ୍ରା ଚାଲିଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ବସାଇ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରକୁ ଶ୍ରଦ୍ଧାଳୁମାନେ ଆଣୁଥିଲେ। ରଥଯାତ୍ରାରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ରଥଟି ଲୁହାରେ ତିଆରି ହୋଇଥିବା ବେଳେ ଅକସ୍ମାତ୍ ବାଟରେ ଏକ ୧୩୩ କେଭି ବିଦ୍ୟୁତ୍ କେବୁଲ୍ ସଂସ୍ପର୍ଶରେ ଆସି ଯାଇଥିଲା। ଯାହା ଫଳରେ ଏତେବଡ଼ ଅଘଟଣ ଘଟିଲା ବୋଲି ପୁଲିସ କହିଛି। ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଭିତରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଗରତାଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମାନିକ ଶାହ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିଜନଙ୍କ ପ୍ରତି ସମବେଦନା ଜଣାଇଛନ୍ତି।


DADLS-17



ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0065/2324



DADLS-17



ପବିତ୍ର ଇଦ୍-ଉଜ୍-ଜୁହା ଉପଲକ୍ଷେ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ସେବା ଓ ସମର୍ପଣର ଏହି ପର୍ବରେ ସମସ୍ତେ ସାମିଲ ହୋଇ ଓଡ଼ିଶାର ନିରନ୍ତର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR: 15001/13/0065/2324


# ବିଜେଡି ଛାଡ଼ିଲେ ବସ୍ତା ନେତା ଶ୍ୟାମାପ୍ରସାଦ ବେହେରା

## ୫-ଟି ସଚିବ ଦଳକୁ କବ୍ଜାରେ ରଖିବା ହେଲା ଅସହ୍ୟ




ବାଲେଶ୍ୱର, ୨୮/୦୬ (ନି.ପ୍ର): ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଥିବା ବସ୍ତା ନିର୍ବାଚନମଣ୍ଡଳୀର ଅନ୍ୟତମ ଛାମୁଆ ନେତା ଶ୍ୟାମ ପ୍ରାସାଦ ବେହେରା ୨୦୨୪ ନିର୍ବାଚନ ଆଗରୁ ପୁଣି ଦଳ ଡେଇଁବାକୁ ନିଷ୍ପତ୍ତି ଚୂଡ଼ାନ୍ତ କରିଛନ୍ତି। ବିଜେଡିରେ ସେ ସକ୍ରିୟତାର ସହ କାର୍ଯ୍ୟ କରି ଆସୁଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ୫-ଟି ସଚିବ ଭିକେ ପାଣ୍ଡିଆନ ଦଳକୁ କବଜା କରି ରଖିବାକୁ ବିରୋଧ ସହ ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଛନ୍ତି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦାୟାଦ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ସଚିବଙ୍କ ହାତରେ ୪କୋଟି ଓଡିଆଙ୍କ ଭାଗ୍ୟ ଟେକିଦେବା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି। ନିର୍ବାଚିତ ଲୋକ ପ୍ରତିନିଧିଙ୍କ ପରାମର୍ଶରେ ଶାସନ ବ୍ୟବସ୍ଥା ଚାଲିବା ପରିବର୍ତ୍ତେ ଶାସକ ଦଳର ବିଧାୟକ ଓ ମନ୍ତ୍ରୀମାନେ ସଚିବଙ୍କ ଆଗରେ ହାତଯୋଡ଼ି ଅସହାୟ ଭାବେ ଛିଡା ହେବା, ଶ୍ରୀ ପାଣ୍ଡିଆନଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଦରି ଓ ଚେୟାର ପକାଇବା ଭଳି କାର୍ଯ୍ୟ ତାଙ୍କୁ କଷ୍ଟ ଦେଇଛି ବୋଲି ଶ୍ରୀ ବେହେରା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ଜଣେ ଚସିବଙ୍କ ଏତାଦୃଶ କାର୍ଯ୍ୟକୁ ସେ ଗ୍ରହଣ କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ଅବହେଳିତ ବସ୍ତା ନିର୍ବାଚନମଣ୍ଡଳୀର ବିକାଶ ନେଇ ସେ ବିଜେଡିରେ ଯୋଗ ଦେଇଥିବା ବେଳେ ବିଗତ ୫ବର୍ଷ ମଧ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନଥିବା ଶ୍ରୀ ବେହେରା ଆରୋପ ଉଠାଇଥିଲେ। ଜନ ସାଧାରଣଙ୍କ ଦାବି ଅନୁସାରେ ବସ୍ତା ବ୍ଲକରେ ଗୋଟିଏ ବି କଲେଜ ପ୍ରତିଷ୍ଠା ନହେବା, କୋଣାର୍କ ପେପର ମିଲ ଓ ବାଲିଆପାଳ ସୂତାକଳ କାର୍ଯ୍ୟକ୍ଷମ ନହେବା, ଶୀତଳ ଭଣ୍ଡାରଟିଏ ସ୍ଥାପନ ନହେବା, ଚାଷୀଙ୍କ ଉତ୍ପାଦିତ ଝୋଟ ବିକ୍ରି ପାଇଁ ସରକାରୀ ବ୍ୟବସ୍ଥା ନାହିଁ, ନିଯୁକ୍ତି ଅଭାବରୁ ବସ୍ତା ନିର୍ବାଚନ ମଣ୍ଡଳୀରେ ଯୁବକ ସୁରଟ, ହାଇଦ୍ରାବାଦ ଓ ବାଙ୍ଗାଲୁରୁ ଭଳି ସହରକୁ ଯିବା ପାଇଁ ବାଧ ହେଉଛନ୍ତି। ଶାସକ ଦଳରେ ଥାଇ ଜନସାଧାରଣଙ୍କୁ ସେବା ଦେଇ ନପାରି ସେ ନିଜକୁ ଲଜ୍ଜିତ ମନେକରୁଛନ୍ତି। ଶେଷରେ ବାଧ୍ୟ ହୋଇ ସେ ଦଳରୁ ଇସ୍ତଫା ଦେଉଥିବା ଶ୍ରୀ ବେହେରା କହିଥିଲେ। ଆଗାମୀ ଦିନରେ ସେ କେଉଁ ଦଳରେ ଯୋଗଦେବେ କିମ୍ବା

▶▶ପୃଷ୍ଠା ୭

## ଦୁର୍ଘଟଣାରେ ଜଣେ ରୋଗୀଙ୍କ ସମେତ ୩ ଜଣ ଗୁରୁତର

ଖୋର୍ଦ୍ଧା, ୨୮/୦୬ (ନି.ପ୍ର): ୧୬ନମ୍ବର ଜାତୀୟ ରାଜପଥ ନାଟୁଣୀ ଓଭରବ୍ରିଜ ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ରୋଗୀଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବାଣପୁର ଥାନା ଚିଆଁଙ୍କ ସାହି ଅଂଚଳର ଜଣେ ପକ୍ଷାଘାତ ରୋଗୀଙ୍କୁ ପରିବାର ଲୋକେ ଆଜି ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ତେବେ ଚିକିତ୍ସା କରି ବାଣପୁର ଫେରିବା ସମୟରେ କାରଟି ନାଟୁଣୀ ଓଭରବ୍ରିଜ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର ଚାଳକ ଭାରସାମ୍ୟ ହରାଇ କାରକୁ ଡିଭାଇଡରରେ ପିଟି ଦେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଫଳରେ ଦୁର୍ଘଟଣା ପରେ କାରର ଚକାଟି ଫାଟିଯାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।ତେବେ ଦୁର୍ଘଟଣାରେ ଗାଡ଼ି ଚାଳକ ସମେତ ଗାଡ଼ିରେ ଉପସ୍ଥିତ ଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତ ମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନିଆଯାଇଛି। ତେବେ ସୌଭାଗ୍ୟବଶତଃ ଗାଡ଼ିରେ ଉପସ୍ଥିତ ଥିବା ବାଣପୁର ଭଗବତୀ ସାହିର ଜନୈକ ଯୁବକ ସୁରକ୍ଷିତ ଅଛନ୍ତି।

## ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ମୁଖୀଗୁଡା, ୨୮/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ବଡକର୍ଲାକୋଟ ପଂଚାୟତ ପାବଲୀ ଗ୍ରାମର ଘେନୁମୁଣ୍ଡା ବଡ଼ବନ୍ଧ ହୁଡାରୁ ପାବଲୀ ଗ୍ରାମର ଗୋକୁଳ ମାଝୀ(୫୦)ଙ୍କ ମୃତ ଦେହ ଜୟପାଟଣା ପୁଲିସ ଉଦ୍ଧାର କରିଛି। କେଉଁ କାରଣରୁତାଙ୍କର ମୃତ୍ୟୁ ହୋଇଛି ତାହା ଜଣାପଡି ନାହିଁ। ମୃତ ଦେହ ପାଖରେ ଏକ ଟାଙ୍କିଆ, ରପା, ବାଉଁଶଠେଙ୍ଗା, ଲାଲ ରଙ୍ଗର ଗାମୁଛା ଓ ମଦ ଜରି ପଡି ରହିଥିଲା। ଖବର ପାଇ ଘଟଣା ସ୍ଥଳରେ ଜୟପାଟଣା ଥାନା ଅଧିକାରୀ ବାସୁଦେବ ଛତ୍ରୀଆ ସହ ଏଏସଆଇ ତ୍ରିସେନ୍ଦ୍ର ପାତ୍ର, କନେଷ୍ଟବଳ ପରମେଶ୍ୱର ଛତ୍ରିଆ, ଗୌତମ ଅଗୁପାତ୍ର, ପବିତ୍ର ମୋହନ ନାଏକ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଗୋକୁଳ ଗତକାଲି ସକାଳୁ କାମ କରିବା ପାଇଁ ଯାଇଥିଲେ କିନ୍ତୁ ସନ୍ଧ୍ୟାରେ ଫେରିନଥିଲେ। ଆଜି ସକାଳେ ତାଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକେ ଜୟପାଟଣା ଥାନା କୁ ଖବର ଦେଇଥିଲେ। କେଉଁ କାରଣରୁ ତାଙ୍କର ସେଠାରେ ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ଖୁଚୁରା ବଜାରରେ ଟମାଟୋ ଦର ୧୨୦: ଚାହିଦାର ମାତ୍ର ୨୦ ପ୍ରତିଶତ ବଜାରକୁ ଆସୁଛି



ଭୁବନେଶ୍ୱର: ରାଜଧାନୀ ଖୁଚୁରା ବଜାରରେ ୧୨୦ ଟଙ୍କା ଛୁଇଁଛି ଟମାଟୋ ଦର। ଅନେକ ସ୍ଥାନରେ ଦର ୧୬୦ ଟଙ୍କାରେ ପହଞ୍ଚିଥିବା ମଧ୍ୟ ଅଭିଯୋଗ ହେଲାଣି। ସୋମବାର ଦିନ କେଜି ପ୍ରତି ୮୦, ରବିବାର ଦିନ ୭୦ ଟଙ୍କା ଥିଲା। ୧୦ ଦିନ ହେଲା ଦର ଏହିଭଳି ବଢ଼ିଯାଇ ଏକାଥରକରେ ୧୦୦ ଟଙ୍କା ଅତିକ୍ରମ କରିଛି। ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ସ୍ଥିତି ଏହିଭଳି ରହିଛି। ଏପ୍ରିଲ୍‌ରୁ ସେପଟ୍ଟେମ୍ବର ପର୍ଯ୍ୟନ୍ତ କର୍ଣ୍ଣାଟକରୁ ପର୍ଯ୍ୟାପ୍ତ ପରିମାଣରେ ଟମାଟୋ ଓଡ଼ିଶା ଆସିଥାଏ। ଦର ୩୦ ଟଙ୍କା ମଧ୍ୟରେ ରହିଥାଏ। ଚଳିତ ବର୍ଷ ଜୁନ୍ ମାସର ଦରବୃଦ୍ଧିର ସବୁ ରେକର୍ଡ ଭାଙ୍ଗି ଯାଇଥିବା କହିଛନ୍ତି ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ। ତାଙ୍କ ମତରେ, କର୍ଣ୍ଣାଟକର କୁଲାର, ମାଲୁର, ଚିନ୍ତାମଣି, ମଦନପଣି ସମେତ ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଫଳ ହୋଇନାହିଁ। ଏଥିଯୋଗୁଁ ବର୍ତ୍ତମାନ ସମୟରେ ଓଡ଼ିଶା ବଜାରକୁ ଯେତେ ପରିମାଣରେ ଟମାଟୋ ଆସିବା କଥା ତାହା ତ ଆସିପାରୁନାହିଁ, ଏପରିକି ରାଜ୍ୟର ଚାହିଦା ମଧ୍ୟ ପୂରଣ ହୋଇପାରୁନାହିଁ। ଟମାଟୋ କ୍ଷେତ୍ରରେ ଓଡ଼ିଶାର ଦୈନିକ ଚାହିଦା ୨୫୦୦ ମେଟ୍ରିକ୍ ଟନ୍। ସେଥିରୁ କେବଳ ଭୁବନେଶ୍ୱର ବଜାରରେ ଦୈନିକ ୫୦୦ରୁ ୭୦୦ ମେଟ୍ରିକ୍ ଟନ୍ ବିକ୍ରି ହୁଏ। କିନ୍ତୁ ବର୍ତ୍ତମାନ ରାଜ୍ୟ ବଜାରକୁ ୨୫୦ରୁ ୩୦୦ ମେଟ୍ରିକ୍ ଟନ୍ ଆସୁଛି ଏବଂ ଭୁବନେଶ୍ୱର ଭାଗରେ ୫୦ରୁ ୭୫ ଟନ୍ ରହୁଛି। ସେଥିରୁ ବି ଅଧିକାଂଶ ଟମାଟୋ ଅତି ନିମ୍ନମାନର ରହୁଛି। ତେଣୁ ଗ୍ରାହକ ମୁହଁ ଫେରାଇଛନ୍ତି। ଅନ୍ୟ ଜିଲ୍ଲାକୁ ଯୋଗାଣ ଆହୁରି କମିଯାଇଛି। ଆଗାମୀ ଦିନରେ ଏହି ସ୍ଥିତି ଆହୁରି ଜଟିଳ ହେବା ନେଇ ଅନୁମାନ ରହିଛି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁସାରେ ଏହି ଦର ବୃଦ୍ଧି ରାଜ୍ୟ ସରକାରଙ୍କ ପରିବା ଉତ୍ପାଦନର ବାହାସ୍ଫୋଟକୁ ପଦାରେ ପକାଇ ଦେଇଛି। ଗତ ବିଧାନସଭାରେ କୃଷି ମନ୍ତ୍ରୀଙ୍କ ପକ୍ଷରୁ ତଥ୍ୟ ଦିଆଯାଇଥିଲା ଯେ ପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ। ରାଜ୍ୟରେ କେବଳ ୧୪ ଲକ୍ଷ ୩୩ ହଜାର ୪୬୧ ମେଟ୍ରିକ୍ ଟନ୍‌ର ଟମାଟୋ ଉତ୍ପାଦନ ହୁଏ। ଯାହାକି ସମୁଦାୟ ଦେଶ ମଧ୍ୟରେ ପଞ୍ଚମ ସର୍ବାଧିକ ଅଟେ। କିନ୍ତୁ ମାତ୍ର ମାସ କେଇଟା ମଧ୍ୟରେ ରାଜ୍ୟରେ ଟମାଟୋ ଉତ୍ପାଦନର ବାସ୍ତବ ଚିତ୍ର ପଦାକୁ ଆସିଛି। ଅନ୍ୟ ରାଜ୍ୟରେ ଫସଲହାନୀର ପ୍ରଭାବ ଓଡ଼ିଶାରେ ପଡୁଛି। କୃଷି ବୈଜ୍ଞାନିକ କହିଛନ୍ତି ଯେ ରାଜ୍ୟରେ କେବଳ ରବିରେ ହିଁ ଟମାଟୋ ଚାଷ କରାଯାଏ। ବର୍ଷା କିମ୍ବା ଖରାରେ ଓଡ଼ିଶାରେ ଏହି ଚାଷ ହୁଏ ନାହିଁ। ଏଥିଯୋଗୁଁ ଜାନୁଆରିରୁ ମାର୍ଚ୍ଚ ମାସ ମଧ୍ୟରେ ଓଡ଼ିଶା ଟମାଟୋର ମଜା କମ ଦରରେ ଗ୍ରାହକ ନେଇଥାଆନ୍ତି। ସଂରକ୍ଷଣ ସୁବିଧାର ଅଭାବ ଯୋଗୁଁ ଏହି ସମୟରେ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୁଅନ୍ତି। ଏପ୍ରିଲ୍‌ରୁ ସେପଟ୍ଟେମ୍ବର ମାସ ପର୍ଯ୍ୟନ୍ତ କର୍ଣ୍ଣାଟକ, ସେପଟ୍ଟେମ୍ବରରୁ ନଭେମ୍ବର ପର୍ଯ୍ୟନ୍ତ ନାସିକ୍ ଏବଂ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଛତିଶଗଡ଼ ଟମାଟୋ ଓଡ଼ିଶା ବଜାରକୁ କବ୍‌ଜା କରି ନେଇଥାଏ। ସେହିଭଳି ବର୍ଷ ତମାମ ଓଡ଼ିଶା ବଜାରରେ ବାହାର ରାଜ୍ୟର ଟମାଟୋ ଆଧିପତ୍ୟ ରହୁଥିବାରୁ ଡିଜେଲ୍ ଦର ବୃଦ୍ଧି ସହିତ ଅନ୍ୟ ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଏଠାରେ ପଡ଼େ। କିନ୍ତୁ ଟମାଟୋ ଭଳି ଦେଶୀ ପରିବା ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ଉଦ୍ୟାନ ବିଭାଗ କୌଣସି ଯୋଜନା ପ୍ରସ୍ତୁତ କରିନାହିଁ। ଏପରିକି ଓୟୁଏଟି ପକ୍ଷରୁ ଖରା ସହଣୀ ବିହନ ପ୍ରସ୍ତୁତ କରାଯାଉଥିବା କୃଷି ବୈଜ୍ଞାନିକମାନେ କହୁଥିଲେ ମଧ୍ୟ ଏହା ଚାଷୀଙ୍କ ପାଖରେ ପହଞ୍ଚୁନଥିବା ଏବଂ ବିକ୍ରିଜନିତ ସମସ୍ୟା ଯୋଗୁଁ ସେମାନେ ମଧ୍ୟ ଏହି ଚାଷ ପ୍ରତି ଆଗ୍ରହ ଦେଖାଉନଥିବା କୁହାଯାଉଛି। ପରିବା ବ୍ୟବସାୟୀଙ୍କର କହିବା ଅନୁସାରେ, ଅନ୍ୟ ପରିବା ଦର ମଧ୍ୟ ଆକାଶ ଛୁଇଁଛି। ଅର୍ଥାତ ବିନ୍ସ ୨୧୦, ପୋଟଳ ୮୦ରୁ ୧୦୦, ବାଇଗଣ ୬୦, କଲରା ୭୦, ବନ୍ଧା ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଛି। ବର୍ଷା ଯୋଗୁଁ ଦର ଏତେ ବଢ଼ିଯାଇଥିବା କୁହାଯାଉଛି।

## ବନ୍ଦ ହୋଇପଡ଼ିଥିବା ବିଦ୍ୟାଳୟରେ ଅଙ୍ଗନବାଡ଼ି ଖୋଲିବାକୁ ଦାବି

କୋରାଇ, ୨୭/୦୬ (ନି.ପ୍ର): ସରକାରଙ୍କ ଦ୍ୱାରା ଅନେକ ସ୍ଥାନରେ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବା ପରେ ସେ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ନା କାମରେ ଲାଗୁଛି ସରକାରଙ୍କର ନା ଗ୍ରାମବାସୀଙ୍କର। କୋରାଇ ବ୍ଲକ ପଥରପଦା ପଂଚାୟତର ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଦିର୍ଘ ବର୍ଷ ହେବ ବନ୍ଦ ହୋଇପଡ଼ିଥିବା ବିଦ୍ୟାଳୟ ଘରେ ଅଙ୍ଗନବାଡ଼ି ଖୋଲିବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଗ୍ରାମରେ ଅଙ୍ଗନବାଡି ନଥିବା ବେଳେ ବିଦ୍ୟାଳୟ ଉଠିଗଲା। ଚାନ୍ଦପୁର ଅଙ୍ଗନବାଡି ସହ ଦାମୋଦରପୁର ଗ୍ରାମକୁ ଯୋଡା ଯାଇଥିବା ବେଳେ ତାହା କେବଳ ଦୂରରେ ଅବସ୍ଥିତ ତାହା ନୁବେଙ୍ଗର ଅନ୍ୟ ଏକ ପଂଚାୟତ ପାଣିକୋଇଲିରେ ଯାଉଛି। ଯାହା ଫଳରେ ଦାମୋଦରପୁର ଗ୍ରାମରେ ଏକ ଅଙ୍ଗନବାଡି କେନ୍ଦ୍ର ଖୋଲିବାର ଆବଶ୍ୟକତା ଦେଖାଦେଇଛି। ପ୍ରକାଶ ଯେ ପଥରପଦା ପଂଚାୟତର ସୀମାରେଖାରେ ଅବସ୍ଥିତ ଦାମୋଦରପୁର ଗ୍ରାମରେ ଏକ ଅଙ୍ଗନବାଡ଼ି ନ ଥିବାରୁ ଗ୍ରାମର ପିଲା ମାନେ ପ୍ରାଥମିକ ଶିକ୍ଷାରୁ ବଂଚିତ ହେବା ସହିତ କିଛି ପିଲା ନିକଟସ୍ଥ ଚାନ୍ଦପୁର ଗ୍ରାମକୁ ଯାଇଥାନ୍ତି। ତେବେ ଗ୍ରାମରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟଟିରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ ଥିବା ଦର୍ଶାଇ ଶିକ୍ଷା ବିଭାଗର ନିଷ୍ପତି କ୍ରମେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ି ରହିଅଛି। ବ୍ୟବହାର ନହେବା ଯୋଗୁଁ ଉକ୍ତ ବିଦ୍ୟାଳୟଟି ଏବେ ସରୀସୃପଙ୍କର ଆଶ୍ରୟସ୍ଥଳୀ ପାଲଟିଛି। ଯେଉଁ ସ୍ଥାନଟି ଦିନେ ଚଳପ୍ରଚଳ ଥିଲା ସେ ସ୍ଥାନରେ ଏବେ ବଡ଼ ବଡ଼ ଉଇ ହୁଙ୍କା ମାନ ହୋଇଗଲାଣି। ତେବେ ଜନତାଙ୍କ ଟିକସରେ ନିର୍ମିତ ଉକ୍ତ ବିଦ୍ୟାଳୟଟିର ଜରାଜୀର୍ଣ୍ଣ ଅବସ୍ଥାକୁ ଦେଖି ଗ୍ରାମବାସୀ ମାନେ ଦୁଃଖ ପ୍ରକାଶ କରିବା ସହିତ ବିଦ୍ୟାଳୟର ସୁରକ୍ଷା ନେଇ ଅଂଟା ଭିଡ଼ିଛନ୍ତି। ଏ ନେଇ ଗ୍ରାମବାସୀ ମାନେ ସମ୍ମିଳିତ ହୋଇ ଉକ୍ତ ବିଦ୍ୟାଳୟର ପୁନଃରୁଦ୍ଧାର ନିମନ୍ତେ ମୁଖ୍ୟମନ୍ତ୍ରୀ ତଥା ଶିକ୍ଷା ବିଭାଗକୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ହେବେ ବୋଲି ପ୍ରକାଶ କରିଛନ୍ତି।

# ଫୋକସ୍ ଓଡ଼ିଶାର ଆଲୋଚନାଚକ୍ର: କୋଟିଆକୁ ଓଡ଼ିଶା ରାଜସ୍ୱ ସୀମାଭୁକ୍ତ କରାଯାଉ




ଭୁବନେଶ୍ୱର, ୨୭/୦୬ (ନି.ପ୍ର): ରାଜ୍ୟର ସୀମାନ୍ତବର୍ତ୍ତୀ କୋଟିଆ ଗାଁ ସମୂହକୁ ରାଜ୍ୟ ସରକାର ତୁରନ୍ତ ଓଡ଼ିଶା ରାଜସ୍ୱ ସୀମା ପରିସରଭୁକ୍ତ କରିବା ସହ ଏହା ଉପରେ ଆନ୍ଧ୍ର ସରକାରଙ୍କ ଅଯଥା ହସ୍ତକ୍ଷେପକୁ ବନ୍ଦ କରାନ୍ତୁ। ଭୁବନେଶ୍ୱରସ୍ଥିତ ବ୍ରହ୍ମାନନ୍ଦ ଭବନଠାରେ 'ଫୋକସ୍ ଓଡ଼ିଶା' ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଭାଗ ନେଇଥିବା ବିଶିଷ୍ଟ ଅତିଥି, ଗବେଷକ ଓ ବୁଦ୍ଧିଜୀବୀମାନେ ଏଭଳି ମତପୋଷଣ କରିଛନ୍ତି। ଗବେଷକ ଅନିଲ ଧୀର କହିଲେ ଯେ କୋଟିଆରେ ଥିବା ଏକ ପୁରୁଣା ପୋଷ୍ଟ ଅଫିସ୍ ଓଡ଼ିଶା ପିନ୍-କୋଡ୍ ନମ୍ବରରେ ରହିଛି। ସେଠାକାର ଲୋକ ଓଡ଼ିଆ ଭାଷାରେ କଥା ହେଉଛନ୍ତି ଓ ଓଡ଼ିଆ ସାମାଜିକ ସାଂସ୍କୃତିକ ଭାବଧାରା ସହ ସଂଶ୍ଳିଷ୍ଟ। ତେଣୁ ସେମାନଙ୍କୁ ଓଡ଼ିଶାର ବିକାଶଧାରାରେ ସାମିଲ କରିବାର ସମୟ ଆସିଛି। କୋଟିଆ ଅଞ୍ଚଳରେ କିଛି ମୂଲ୍ୟବାନ ଖଣିଜ ପଦାର୍ଥ ଥିବାରୁ ପଡ଼ୋଶୀ ଆନ୍ଧ୍ର ସରକାର ଏଠାରେ ପ୍ରଭାବ ବିସ୍ତାର କରିବା ପାଇଁ ଏଭଳି ଚକ୍ରାନ୍ତ ଚଳାଇଛି ବୋଲି କହିଥିଲେ ସର୍ବଶ୍ରୀ ବିରଞ୍ଚି ନାରାୟଣ ଦାସ, ଆର୍ଯ୍ୟ ସମାଜ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ମାଡ୍ରାସ ଓଡ଼ିଆ ସମାଜ ସହସମ୍ପାଦକ ବିଶ୍ୱଜିତ କାନୁନଗୋ, ସମାଜସେବୀ ସୁବାସ ପଣ୍ଡା, ରୋଜାଲିନ ପଟ୍ଟନାୟକ ଓ ଉଷାରାଣୀ ବେହେରା ପ୍ରମୁଖ। ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରେରା'ର ପ୍ରଶାସନିକ ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଶାସକ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ସହରଗୁଡ଼ିକରେ ଫ୍ଲାଟ୍ ଘର ଓ ଜମି ନେଇ ଥିବା ଆଇନକାନୁନ ବ୍ୟବସ୍ଥା ଓ ବିଲଡର ଶୋଷଣରୁ ରକ୍ଷା ପାଇବା ପାଇଁ ସରକାରୀ ନିୟମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ସଂକଟର ସ୍ଥାୟୀ ସମାଧାନ ସମ୍ପର୍କିତ ଏକ ରିପୋର୍ଟ ରାଜ୍ୟ ଉପଭୋକ୍ତା ସମିତି ସଭାପତି ରଣେଶ ଶତପଥୀ ଉପସ୍ଥାପନା କରିଥିଲେ। କବୀ ରୁନା ପଣ୍ଡା ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ଭଜନ ଗାନ କରିଥିବା ବେଳେ ଡ. ବିନୟ ଭୂଷଣ ଜେନା ଆଲୋଚନାର ନିର୍ଯାସ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ କହିଥିଲେ। ସଭା ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

## ଚମ୍ପୁଆରେ କମୁନି ହାତୀ ଉପଦ୍ରବ : ପୁଣି ଭାଙ୍ଗିଲେ ୫ ଘର

ଚମ୍ପୁଆ, ୨୭/୦୬ (ନି.ପ୍ର): ଚମ୍ପୁଆ ବନାଂଚଳ ଅନ୍ତର୍ଗତ ଚମ୍ପୁଆ ସେକ୍ସନର ଶଶାଙ୍ଗ, ସରେଇ, ଟୁଣୁଟୁଣା ଓ ବରାବାଲିଆ ଅଂଚଳରେ ୨୨ ଟିକିଆ ହାତୀପଲଙ୍କ ଉପଦ୍ର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶତ ଚେଷ୍ଟା ସତ୍ୱେ କମୁ ନାହିଁ ହାତୀ ଉପଦ୍ର କ୍ଷ ଗାଁ ମୁହାଁ ହେଉଛନ୍ତି ହାତୀ। ଗ୍ରାମାଂଚଳରେ ଚାଷୀ ମାନେ କରିଥିବା ଏକର ଏକର ଖରାଟିଆ ଧାନ ଫସଲକୁ ଖାଇ, ମାଡି ଦଳି ନଷ୍ଟ କରିବା ସହିତ ରାତିରେ ଅନ୍ଧାରର ସୁଯୋଗ ନେଇ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସୁଛନ୍ତି କ୍ଷ ଘର ଭାଙ୍ଗି ଧାନ, ଚାଉଳ ଖାଇ ଯାଉଛନ୍ତି କ୍ଷ ସେହିପରି ଆଜି ପ୍ରାୟ ମଧ୍ୟ ରାତ୍ର ସମୟରେ ୨୨ ଟିକିଆ ହାତୀପଲ ପୁଣି ଥରେ ଗାଁ ମୁହାଁ ହୋଇ ସରେଇ ଗ୍ରାମର ବାବୁରାମ ବେଣ୍ଟକାର, ଗଣେଶ ବେକାର ଓ କନ୍ଦା ବେକାର ର ଘରକୁ ଭାଙ୍ଗି ଧାନ, ଚାଉଳ ଖାଇବା ସହିତ ନଷ୍ଟ କରିବା ପରେ ଟୁଣୁଟୁଣା ଗ୍ରାମର ସୋମବାରି ମୁଣ୍ଡା ଓ ବରାବାଳିଆ ସାହିର ରଘୁ ମୁଣ୍ଡାର ଘର ଭାଙ୍ଗି ଦେଇଥିଲେ। ଘରେ ସାଇତା ଥିବା ଧାନ,ଚାଉଳ ଏବଂ ରନ୍ଧା ଖାଦ୍ୟ ଆଦି ଖାଇଯାଇଥିଲେ। ଏହି ହାତୀପଲ ଯେପରି ଗାଁ ମୁହାଁ ନ ହେବେ ଓ ଧନ ଜୀବନ ହାନି ନ ଘଟିବ ସେଥିପ୍ରତି ବନବିଭାଗର କାର୍ଯ୍ୟରତ ହାତୀ ସ୍କ୍ୱାର୍ଡ ଓ ଗଜ ସାଥୀମାନେ ଲୋକଙ୍କୁ ସଚେତନ କରାଇବା

## ଗାନ୍ଧୀଙ୍କ କଥାରେ ଜୁଆଙ୍ଗ ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ

ହରିଚନ୍ଦନପୁର, ୨୭/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବଡ଼ପଳାଶପାଳ ଗ୍ରାମପଂଚାୟତ ଜୁଆଙ୍ଗ ପିଢ଼ ନୋଲ ଆମ୍ବ ତୋଟା ଠାରେ ଓଡିଶା ଗାନ୍ଧୀ ବିଚାର ପରିଷଦ ଓ ଏକତା ପରିଷଦ ମିଳିତ ସହଯୋଗରେ ଗ୍ରାମର ପୂଜକ ମଙ୍ଗୁଲୁ ଜୁଆଙ୍ଗଙ୍କ ସଭାପତିତ୍ୱରେ "ଗାନ୍ଧୀ କଥା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଯୋଗ ଉପ ସଭାପତି ତଥା ଜୁଆଙ୍ଗ ସଂସ୍କୃତି ଗବେଷକ ନୀଳାଦ୍ରି ବିହାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ଭକ୍ତ ବତ୍ସଳ ମହାନ୍ତି ଉପସ୍ଥିତ ରହି ଜୁଆଙ୍ଗମାନେ ଭୂମିପୁତ୍ର ଓ ଏ କେନ୍ଦୁଝର ଜିଲ୍ଲାର ମୂଳ ବାସିନ୍ଦା ଅଟନ୍ତି ସେମାନଙ୍କ ନିଆରା ସଂସ୍କୃତି ପରମ୍ପରା ରହିଛି। ପ୍ରକୃତି କୂଳରେ ପାହାଡ଼ ମଥାରେ ନୋହ୍ଲ, ବାଉଁରୁ, ରାଣିପଦା, କନ୍ହେଇଗୋଳା ଘଂଚ ଜଙ୍ଗଲ ମଧ୍ୟରେ କେଉଁ କାଳରୁ ବସବାସ କରି ଆସୁଥିବା ବେଳେ ପରେ ଗୋପାଳ ସମ୍ପ୍ରଦାୟର ଲୋକମାନେ ଆସି ବସବାସ କଲେ। ଜୁଆଙ୍ଗମାନଙ୍କ ମଣ୍ଡପ ଘରେ ଥିବା ଚାଙ୍ଗୁ ବାଦ୍ୟ, ବଡ଼କାଠ ସେମାନଙ୍କୁ ଏକତାରେ ବାନ୍ଧି ରଖି ସଦଭାବନା ଓ ସଂଘଟି ସ୍ଥାପନ କରିପାରିଛି। ସରଳ ନିରୀହ ଜନଜାତିମାନେ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଜାତ ଦ୍ରବ୍ୟ କିଣା ବିକା କରିବା ସହିତ ମକା, ଧାନ, ଗଙ୍ଗେଇ, ବାଜରା ଚାଷ କରିବା ସହ ଛେଳି ପାଳନ କରି ଜୀବିକା ନିର୍ବାହ କରିବା ପ୍ରସଙ୍ଗରେ ଆଲୋଚନା କରିଥିଲେ। ସ୍ୱସ୍ତି ଫାଉଣ୍ଡେସନ ସମ୍ପାଦକ ମାନସ ରଞ୍ଜନ ପଣ୍ଡା ଜୁଆଙ୍ଗ ଜାତିର ବଡ଼ କାଠ ବାଦ୍ୟର ଇତିହାସ ଓ ଏବେକାର ଆବଶ୍ୟକତା ଉପରେ ବୁଝାଇଥିଲେ। ବଡ଼ କାଠ ମଣ୍ଡପ ଘରେ ପୂଜା ପାଇଥାଏ। ଏଥିସହ ପର୍ବ ପର୍ବାଣୀରେ ଏହାକୁ ପୂଜା କରି ବାଦନ କରାଯାଏ ବୋଲି ଗ୍ରାମର ରତନା ଜୁଆଙ୍ଗ କହିଥିଲେ। ଏହି ଅବସରରେ ଚଙ୍ଗୁ ବାଦକ ଓ ବଡ଼ କାଠ ବାଦକ ରତନା ଜୁଆଙ୍ଗ, ରଥିଆ ଜୁଆଙ୍ଗ ଓ ମଙ୍ଗୁଲୁ ଜୁଆଙ୍ଗଙ୍କୁ ସଂଯୋଗ ତରଫରୁ ଉତରୀୟ ପ୍ରଦାନ କରାଯାଇଥିଲା। ଗ୍ରାମର ସୀତା ଜୁଆଙ୍ଗ, ଇରା ଜୁଆଙ୍ଗ ଓ ତାଙ୍କ ସାଥିମାନେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ଗୀତ ଗାଇ ନୃତ୍ୟ ପରିବେଷଣ କରିଥିଲେ। ଏହିପରି କାର୍ଯ୍ୟକ୍ରମକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜନ କରି ଜୁଆଙ୍ଗ ସଂସ୍କୃତିର ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ କରାଯିବାକୁ ନୀଳାଦ୍ରି ମିଶ୍ର ସୂଚନା ଦେଇଥିଲେ। ଶେଷରେ ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରେ ବନ ମହୋତ୍ସବ ସମୟରେ ବୃକ୍ଷ ରୋପଣ କରାଯିବାକୁ ସାମୁହିକ ନିଷ୍ପତି ନେଇଥିବା ଜଣାପଡିଛି।

## ସାମାନ୍ୟ ବର୍ଷାରେ ୫୦ଟି ସ୍ଥାନରେ ଧୋଇଗଲା ପଥର ବନ୍ଧ



ଚନ୍ଦନେଶ୍ୱର/ଉଦୟପୁର: ମୌସୁମୀ ବର୍ଷା ଯୋଗୁ ବାଲେଶ୍ୱର ଜିଲ୍ଲା ଅଧୀନ ଭୋଗରାଇ ବ୍ଲକ୍ ଉଦୟପୁର-ତାଳସାରୀ ବେଳାଭୂମିର ୨.୭ କିମି ଅଞ୍ଚଳରେ ନିର୍ମାଣାଧୀନ ପଥରବନ୍ଧ ତଥା ମେରାଇନ୍ ଡ୍ରାଇଭ୍ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୫୦ଟି ସ୍ଥାନରେ ବନ୍ଧ ଧୋଇଯାଇଥିବା ଜଣାପଡ଼ିଛି। ପଥରବନ୍ଧ ତଥା ମେରାଇନ୍ ଡ୍ରାଇଭ୍ ରାସ୍ତା କାମ ପାଇଁ ଏଯାଏ ଏକାଧିକ ପର୍ଯ୍ୟାୟରେ ମୋଟ ୮୮ କୋଟି ୮୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ, ୧୨ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସରୁନାହିଁ। ବିଭିନ୍ନ ସମୟରେ ଜଳସମ୍ପଦ ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଜିଲ୍ଲାପାଳଙ୍କ ସହ ଅନ୍ୟ ପଦାଧିକାରୀମାନେ କ୍ଷେତ୍ର ପରିଦର୍ଶନ ସହ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ, ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ। ଅନ୍ୟପକ୍ଷରେ, ସାମାନ୍ୟ ବର୍ଷା ପାଣିରେ ବନ୍ଧ ଏପରି ସ୍ଥିତି ହୋଇଥିବା ବେଳେ ଭବିଷ୍ୟତରେ ଜନବସତି ମୁହାଁ ଜୁଆର ପାଣିକୁ ଏହା କିପରି ରୋକିବ, ସେନେଇ ସପନ ଗଙ୍ଗାଇ, ଅବନୀ ପଟ୍ଟାୟତ, ତରଣୀକାନ୍ତ ସେନାପତି, ବାଚ୍ଚୁ ସେନାପତି, ସୁଶାନ୍ତ ପଟ୍ଟାୟତ, ଦୀନେଶ ବେହେରା ପ୍ରମୁଖଙ୍କ ସହ ଶତାଧିକ ଅଞ୍ଚଳବାସୀ ପ୍ରଶ୍ନ କରିବା ସହ ଅର୍ଥ ଆତ୍ମସାତ କରାଯାଇ ବନ୍ଧ କାମ ନିମ୍ନମାନର ହୋଇଥିବା ଅଭିଯୋଗ ଆଣିଛନ୍ତି। ଏଥିସହିତ, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ମଧ୍ୟ ଦାବି କରିଛନ୍ତି। ଏନେଇ ବାଲେଶ୍ୱର ଜଳସମ୍ପଦ ବିଭାଗ ଅଧିକାରୀ ପ୍ରଭାସ ପ୍ରଧାନଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ ସିଧାସଳଖ ଉତ୍ତର ନଦେଇ କାମ ସରିନାହିଁ ବୋଲି କହିଛନ୍ତି।

# ସାମ୍ବାଦିକମାନଙ୍କ ୧୧ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୭/୦୬ (ନି.ପ୍ର): ସାମ୍ବାଦିକ ମାନଙ୍କ ୧୧ ଦଫା ଦାବି ନେଇ ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶା' ଜିଲ୍ଲା ଶାଖା ଜର୍ଣ୍ଣାଲିଷ୍ଟ ୟୁନିଅନ ଅଫ ବଲାଙ୍ଗିର (ଜେୟୁବି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବୀପତ୍ରରେ ସରକାର ରାଜ୍ୟର ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ସମୟରେ ଅନେକ ଜନ କଲ୍ୟାଣମୂଳକ ସୁବିଧା ସୁଯୋଗ ସହିତ ପ୍ରଶଂସନୀୟ ଯୋଜନା ମାନ ପ୍ରଣୟନ କରି ସମଗ୍ର ଦେଶରେ ଆମ ରାଜ୍ଯ ଓଡ଼ିଶାର ଗୌରବ ଓ ସୁନାମକୁ ଶୀର୍ଷରେ ପହଂଚାଇ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ଉପସ୍ଥାପିତ କରି ପାରିଛନ୍ତି। ଅପରପକ୍ଷେ ବିଜେଡି ସରକାରର ସମସ୍ତ କଲ୍ୟାଣକାରୀ ଯୋଜନା ଓ ସୁଶାସନକୁ ନେଇ ଓଡ଼ିଶାର ସାମ୍ବାଦିକ ମାନେ ଲଗାତାର ଖବର ପରିବେଷଣ କରିଚାଲିଛନ୍ତି। ଆମ ରାଜ୍ଯରେ ସଂଖ୍ୟାଧିକ ସାମ୍ବାଦିକ ଆର୍ଥିକ ଅନାଟନର ସମ୍ମୁଖୀନ ହେବା ସହ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କାମ କରୁଛନ୍ତି। ଗଣମାଧ୍ୟମ ପ୍ରତିନିଧି ମାନେ ଖବର ସଂଗ୍ରହ ଓ ପରିବେଷଣ ବେଳେ ଅସାମାଜିକ ଏବଂ ମାଫିଆ ମାନଙ୍କ ଦ୍ୱାରା ଆକ୍ରମଣର ଶୀକାର ମଧ ହେଉଛନ୍ତି। ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ଏସୟୁଜେ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିମ୍ନଲିଖିତ ଦାବି ଗୁଡ଼ିକ ରଖାଯାଇଛି। ଆଶା ଓ ବିଶ୍ୱାସ ସମସ୍ତ ଦାବି ଗୁଡ଼ିକ ରାଜ୍ଯ ସରକାର ଅବିଳମ୍ବେ ପୂରଣ କରି ଗଣତନ୍ତ୍ରର ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରୁଥିବା ଜାଗ୍ରତ ପ୍ରହରୀ ଗଣମାଧ୍ୟମ ପ୍ରତିନିଧି (ସାମ୍ବାଦିକ) ମାନଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦର୍ଶନ କରିବେ। ପତ୍ରରେ ଉଲ୍ଲିଖିତ ଦାବି ଗୁଡିକ ମଧ୍ୟରେ ହେଲା, ମହାରାଷ୍ଟ ଓ ଛତିଶଗଡ଼ ଢାଂଚାରେ କର୍ତବ୍ୟରତ ସାମ୍ବାଦିକ ମାନଙ୍କ ନିମନ୍ତେ 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପ୍ରଦାନ କରାଯାଉଥିବା ୨ ଲକ୍ଷ ଟଙ୍କାର ବୀମା ରାଶିକୁ '୧୦ ଲକ୍ଷ ଟଙ୍କା' କୁ ବୃଦ୍ଧି ସହିତ ଚିକିତ୍ସାର ଯାବତୀୟ ଖର୍ଚ୍ଚକୁ ବୀମା ଅର୍ଥରୁ ଭରଣା କରାଯିବା, ଯେଉଁ ସାମ୍ବାଦିକ ମାନେ ୧୫ ବର୍ଷ ରୁ ଅଧିକ ଅବଧି ଧରି କାର୍ଯ୍ୟ କରିଛନ୍ତି ସେମାନେ ବିଭିନ୍ନ କାରଣରୁ ଯଥା - ରୋଗଗ୍ରସ୍ତ, ଦୁର୍ଘଟଣାରେ ଆହତ ବା ଅକର୍ମଣ୍ୟ, ବାର୍ଦ୍ଧକ୍ୟ ଏବଂ ଅନ୍ୟାନ୍ୟ ସମସ୍ୟା ପାଇଁ କାମ କରିପାରୁ ନାହାନ୍ତି, ସେମାନଙ୍କୁ ଆଜୀବନ ରାଜ୍ୟ ସରକାରଙ୍କ ସାମ୍ବାଦିକ କଲ୍ୟାଣ ଯୋଜନାରୁ ବାଦ୍ ଦିଆ ନଯାଇ ସମସ୍ତ ସୁବିଧା ସୁଯୋଗ ଗୁଡିକ ପ୍ରଦାନ। ସାମ୍ବାଦିକଟିର ଅକାଳ ବିୟୋଗରେ ତା''ର ପରିବାରକୁ ପ୍ରଦାନ କରାଯାଉଥିବା ୪ ଲକ୍ଷ ଟଙ୍କାର ସହାୟତା ରାଶିକୁ ଅତି କମରେ '୨୫ ଲକ୍ଷ ଟଙ୍କା' କୁ ବୃଦ୍ଧି। ରାଜଧାନୀ ଭୁବନେଶ୍ୱର ଓ କଟକରେ ପ୍ରାୟ ସମସ୍ତ ମିଡ଼ିଆ ହାଉସ ଗୁଡ଼ିକ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟାଳୟ, ଶିକ୍ଷାନୁଷ୍ଠାନ, ଅତ୍ୟାଧୁନିକ ଚିକିତ୍ସା ସୁବିଧା ଥିବା ହସ୍ପିଟାଲ ଗୁଡିକ ରହିଥିବାରୁ ସେଠାରେ ସାମ୍ବାଦିକ ସପରିବାର ସାମୟିକ ରହଣୀ ନିମନ୍ତେ ଏକ ବହୁତଳ ବିଶିଷ୍ଟ 'ସାମ୍ବାଦିକ ଅତିଥି ଭବନ' ନିର୍ମାଣ। କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କୁ ଅତି କମରେ ମାସିକ '୧୫ ହଜାର ଟଙ୍କା ଭତା' ଏବଂ ଅତି କମରେ ୧୫ ବର୍ଷ କାର୍ଯ୍ୟ କରି ଅବସର ନେଇଥିବା ସାମ୍ବାଦିକଙ୍କୁ '୨୦ ହଜାର ଟଙ୍କା ପେନସନ' ପ୍ରଦାନ। ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ସବ-ଡିଭିଜନ, ପୌରାଂଚଳ ଏବଂ ବ୍ଲକ ସଦର ମହକୁମାରେ କମ୍ପ୍ୟୁଟର ଏବଂ ଇଂଟରନେଟ ସହିତ ଅନ୍ୟାନ୍ୟ ସୁବିଧା ଥାଇ 'ସାମ୍ବାଦିକ ପ୍ରକୋଷ୍ଠ' ନିର୍ମାଣ। ଗତ ୫ ବର୍ଷ ଧରି ସରକାର ପ୍ରଦାନ କରି ଆସୁଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଓ ସାମ୍ବାଦିକ କଲ୍ୟାଣ ଯୋଜନାର କୌଣସି ନିୟମ ପରିବର୍ତନ ନକରି ପୂର୍ବବତ୍ ସେହି ଢାଂଚାକୁ ଅପରିବର୍ତିତ ରଖିବା। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ ପଡିଥିବା ଅନ୍ୟ ସମସ୍ତ ସାମ୍ବାଦିକ ମାନଙ୍କୁ ଏବଂ ଗଣମାଧ୍ୟମ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଓ କର୍ମଚାରୀ ତଥା ସମସ୍ତ 'ପୋର୍ଟାଲ ସାମ୍ବାଦିକ' ମାନଙ୍କୁ ଉପରୋକ୍ତ ଯୋଜନାରେ ସାମିଲ କରାଯିବା। ରାଜ୍ୟରେ ପ୍ରେସ ଏକାଡେମୀ ଗଠନ ଏବଂ ମିଡ଼ିଆ ହାଉସ ପରିବର୍ତେ ସରକାର ନିଜେ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରନ୍ତୁ ଓ ଜିଲ୍ଲା, ସବ-ଡିଭିଜନ ପୌରାଂଚଳ ଓ ବ୍ଲକ ସ୍ତରରେ ବିଭିନ୍ନ ସରକାରୀ କମିଟିରେ ଏକାଧିକ ସାମ୍ବାଦିକ ମାନଙ୍କୁ ସଭ୍ୟ ଭାବେ ନିଆଯାଉ।

# ପ୍ରଦୂଷଣରେ ଶକ୍ତି ଯୋଗାଇବ ଏସବୁ ପରିବା ଓ ଫଳ



କେବଳ ଯେ ଜୀନରେ ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ, ତା ନୁହେଁ । ଆମ ରାଜଧାନୀ ଦିଲ୍ଲୀ ମଧ ସେ ତାଲିକାରେ ସାମିଲ ହୋଇଛି । ଭାରତର ପ୍ରତ୍ୟେକ ପ୍ରାନ୍ତରେ ଲୋକେ ବେଳହୁଁ ସଚେତନ ହୋଇଯିବା ଦରକା। ବିଶେଷଜ୍ଞ ମତରେ, ଏକମାତ୍ର ମାଧମ ହେଲା ଖାଦ୍ୟ ଓ ପାନୀୟ । ଉତ୍ତମ ଖାଦ୍ୟ ଖାଇଲେ ହିଁ ପ୍ରଦୂଷଣ ସହ ଲଢ଼ିବା ନିମନ୍ତେ ଶରୀରକୁ ଶକ୍ତି ମିଳିବ ।

ବ୍ରୋକୋଲି : ଆଣ୍ଟିଅକ୍ସିଡାଣ୍ଟ ଓ ପୋଷକତତ୍ତ୍ୱ ଭରପୂର ବ୍ରୋକୋଲି ପ୍ରତ୍ୟହ ଖାଇବା ଉଚିତ । ସାଲଶଡ୍ ଭାବେ ନଚେତ ହାଲକା ସିଝାଇ ବ୍ରୋକୋଲି ଖଶଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ଏଇ ପରିବାରେ ଭିଟାମିନ୍ ଏ, ବି-୬, ସି, ମ୍ୟାଗ୍ନେସିୟମ, ସୋଡିୟମ, ଲୌହଥିବାରୁ ତାହା ବିଭିନ୍ନ ରୋଗ ପ୍ରତିରୋଧକ ଭାବେ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ ସି'ଯୁକ୍ତ ଫଳ ଓ ପରିବା ଖଶଇବା ମଧ ପ୍ରଦୂଷଣ ସହ ଲଢ଼ିବା ନିମନ୍ତେ ଶକ୍ତି ଯୋଗାଇଥାଏ । କମଳା, ଷ୍ଟ୍ରବେରୀ, ତରଭୁଜ ଇତ୍ୟାଦି ଫଳ ନିୟମିତ ଖାଇଲେ କିମ୍ବା ସେମାନଙ୍କ ରସ ପିଇବା ଉଚିତ । ବାୟୁ ପ୍ରଦୂଷଣର ହାନିକାରକ ପ୍ରାଭାବରୁ ହିଁ ଏହି ଭିଟାମିନ୍ ସି' ଶରୀରକୁ ରକ୍ଷା କରେ । ଏଣୁ ଦୈନିକ ଟମାଟୋ ସାଲାଡ୍ ଖାଇବା ମଧ ଭଲ । ପ୍ରାଚୀନ କାଳରେ ଆମ ଭାରତୀୟମାନେ ଦୀର୍ଘାୟୁ ହେବାର ମୁଖ୍ୟ କାରଣ ଥିଲା ସେମାନେ କଞ୍ଚା ହଳଦୀ ଖାଦ୍ୟରେ ବ୍ୟବହାର କରିବା ସହ ଏହାକୁ ତ୍ୱଚାରେ ମଧ ପ୍ରୟୋଗ କରୁଥିଲେ । ଏବେ କିନ୍ତୁ ବଜାରରେ ଅପମିଶ୍ରିତ ହଳଦୀ ବିଭିନ୍ନ ବ୍ୟଞ୍ଜନରେ ଉପଯୋଗ କଲେ ତାହା ମଧ ଶରୀରର ଶକ୍ତି ବୃଦ୍ଧି କରୁଥିବାର ବିଶେଷଜ୍ଞଙ୍କ ମତ ।

ଡ୍ରାଏଫ୍ରୁଟସ୍, ଏଗୁଡ଼ିକ ସାମାନ୍ୟ ମହଙ୍ଗା, କିନ୍ତୁ ଶରୀର ପାଇଁ ଖୁବ୍ ହିତକର । ସକାଳବେଳା ଅଳ୍ପଅଳ୍ପ ଡ୍ରାଏଫ୍ରୁଟସ୍ ସପରିବାର ଖାଇବା ଉଚିତ ।

# ବ୍ୟବସାୟୀଙ୍କ ନିମନ୍ତେ ଉତ୍ତମ ଦିଗ

ବ୍ୟବସାୟୀଙ୍କ ସଫଳତା ପାଇବାକୁ ହେଲେ ବ୍ୟସ୍ତୁ ଟିପ୍ସକୁ ପାଳନ କଲେ ଅନେକାଂଶରେ ସମସ୍ୟାର ସମାଧାନ, ହୋଇଥାଏ ବୋଲି ବାସ୍ତୁବିତ୍‌ଙ୍କ ମତ । ଯେ କୌଣସି ବ୍ୟବସାୟ କରନ୍ତୁ, ନିମ୍ନଲିଖିତ ନିୟମକୁ ପାଳନ କରିବା ଦ୍ୱାରା ବ୍ୟବସାୟୀ ଲାଭବାନ୍ ହୋଇଥାନ୍ତି ବୋଲି ମୁମ୍ବାଇର ବାସ୍ତୁବିତ୍ ପ୍ରଫୁଲ୍ଲ ଦେ'ଙ୍କ ମତ ।

ବ୍ୟବସାୟୀଙ୍କ ପ୍ରତିଷ୍ଠାନ ଯେଉଁଠାରେ କରନ୍ତୁ ନା କାହିଁକି, ମୁଖ୍ୟ ଦୁଆର ସବୁବେଳେ ଭିତର ପାର୍ଶ୍ୱକୁ ଖୋଲୁଥିବା ଶୁଭଫଳ ପ୍ରଦାନ କରେ । ବାହାର ପାଖକୁ ଖୋଲୁଥିବା ଦୁଆର କାରଣରୁ ଅଯଥା କ୍ଷତି ଓ ବ୍ୟୟ ବଢ଼ଇଥାଏ ବୋଲି ବାସ୍ତୁବିତ୍‌ଙ୍କ ପରାମର୍ଶ ।

ନିଜ ବ୍ୟବସାୟ ନିମନ୍ତେ ଋଣ ନେବାକୁ ଚାହୁଁଥିଲେ, ଉତ୍ତର-ପଶ୍ଚିମ ଦିଗରେ ଦୁଇଟି ଧଳା ଘୋଡ଼ାଙ୍କ ଚିତ୍ର ଦିଗକୁ କେବେହେଲେ ଅପରିଷ୍କାର କରନ୍ତୁ ନାହିଁ । ଏହା ସହ ମାଲିକ ବ୍ୟବସାୟିକ ପ୍ରତିଷ୍ଠାନର ପରିଷ୍କାର-ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ ।

ଅନ୍ୟମାନଙ୍କ ସମ୍ମୁଖରେ ଆଲମାରିର ଟଙ୍କାଥାକକୁ ଖୋଲିବା ମଧ ଉଚିତ୍ ନୁହେଁ ।

# ମେକଅପ୍ ନଷ୍ଟ ହେବନି

ଖରାଦିନେ ମେକ୍‌ଅପ୍ ଚିନ୍ତା ଭରିଦିଏ । କାରଣ ଅତି ସହଜରେ ଖରାରେ ମେକଅପ୍ ରହିଯାଏ । ଏହା ସୌନ୍ଦର୍ଯ୍ୟକୁ ପୂରା ବିଗାଡ଼ି ଦିଏ । ତେବେ ଜାଣନ୍ତୁ ଆପଣଙ୍କ ମେକଅପ୍ କେମିତି ନଷ୍ଟ ହେବନି ।

ମେକଅପ୍ ନେବା ପୂର୍ବରୁ ପ୍ରାଇମର ଆପ୍ଲାଏ କରିବାକୁ ଯେମିତି ନଭୁଲନ୍ତି । କାରଣ ଏହି ଉପାୟରେ ହିଁ ଆପଣଙ୍କ ମେକଅପ୍ ମେଲ୍ଟ କରିବନି । ପ୍ରାଇମର ଆପ୍ଲାଏ କରିବା ଦ୍ୱାରା ଏହା ତ୍ୱଚାରେ ଏକ ଏକ୍ସଟ୍ରା ଲେୟର ଆଡ୍ କରେ ଯାହା ତ୍ୱଚାକୁ ୱାଟରପ୍ରୁଫ୍ ଷ୍ଟେବଲ ବେସ୍ ପ୍ରଦାନ କରିଥାଏ । ତେଣୁ ଏ କ୍ଷେତ୍ରରେ ଆପଣ ଏକ ଭଲ ୱାଟରପ୍ରୁଫ୍ ପ୍ରାଇମର ଆପ୍ଲାଏ କରିପାରିବେ ଏବଂ ଏଥି ସହ ବିବି ଓ ସିସି କ୍ରିମ୍ ମଧ ଆପ୍ଲାଏ କରିପାରିବେ ।



ଅଏଲ କଣ୍ଟ୍ରୋଲ ଫେଶୱାସ ବ୍ୟବହାର କରନ୍ତୁ । ସମରରେ ଅଏଲ କଣ୍ଟ୍ରୋଲ ଫେଶ୍‌ୱାସ ବ୍ୟବହାର କରିବା ନିହାତି ଦରକାର କାରଣ ଏହାଦ୍ୱାରା ଆପଣ ତ୍ୱଚାକୁ ଅତ୍ୟଧିକ ଅଏଲ କଣ୍ଟ୍ରୋଲ କରିପାରିବେ । ଏହା ତ୍ୱଚାକୁ ଏକ୍ସଟ୍ରା ଅଏଲ ହଟାଇ ଦେବା ସହ ତ୍ୱଚାକୁ ଏକ ଫ୍ରେଶ ଏବଂ ଟୋନ୍‌ଡ ଲୁକ୍ ପ୍ରଦାନ କରିଥାଏ ।

ତ୍ୱଚାରେ ବରଫ ଲଗାଇବା ଦ୍ୱାରା ଏହା କେବଳ ମେକ୍‌ଅପକୁ ଲାଷ୍ଟ୍ ଲଙ୍ଗର କରିନଥାଏ ବରଂ ଏଥିସହ ଏହା ସଠିକ୍ ଭାବେ ମେକ୍‌ଅପ ରଖିବାରେ ସାହାଯ୍ୟ କରିଥାଏ । କିଛି ବରଫ ନେଇ ଏହାକୁ ତ୍ୱଚାରେ ଭଲଭାବେ ମସାଜ୍ କରନ୍ତୁ ଏବଂ ଆଖି ଚାରି ପାଖରେ ବି ମସାଜ କରନ୍ତୁ । ଅତି ହାଲୁକା ଭାବେ କରନ୍ତୁ । କିଛି ସମୟ ମସାଜ୍ କରିବାପରେ ଏହାକୁ ପ୍ରାକୃତିକ ଭାବେ ଶୁଖିବାକୁ ଦିଅନ୍ତୁ ।

ସମରରେ ମେକଅପ ମେଲ୍ଟ ନହେବା ପାଇଁ ଫିନିଶିଙ୍ଗ ସ୍ପ୍ରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ମୁହଁରେ ଫାଉଣ୍ଡେସନ ଏବଂ କନସିଲର ଆପ୍ଲାଏ କରିବାପରେ ଫିନିଶିଙ୍ଗ ସ୍ପ୍ରେ ଆପ୍ଲାଏ କରନ୍ତୁ ଯାହା ଦ୍ୱାରା ଫାଉଣ୍ଡେସନ ମେଲ୍ଟ କରିବନି ।

ଲାଇଟୱେଟ୍ ଫାଉଣ୍ଡେସନ୍ ବ୍ୟବହାର କରନ୍ତୁ କାରଣ ଏହା ଅଧିକ ସମୟ ପର୍ଯ୍ୟନ୍ତ ତ୍ୱଚାରେ ରହିବ । ତେବେ ହିଁ ସମରରେ ସବୁବେଳେ ଅଏଲ ଫ୍ରି ସନସ୍କ୍ରିନ୍ ବ୍ୟବହାର କରନ୍ତୁ । ଏହା ତ୍ୱଚାରେ ମେକ୍‌ଅପ ରଖିବା ସହ ମେଲ୍ଟ ହେବାକୁ ଦିଏନା। ଅଏଲ ଫ୍ରୀ ସନସ୍କ୍ରିନ୍ ବ୍ୟବହାର କରିବାର ଏକ ଲାଭ ହେଉଛି ଏହା ତ୍ୱଚାକୁ ଏକ୍ସଟ୍ରା ଅଏଲ ଛାଡ଼ିବାକୁ ଦିଏନାହିଁ । ଅଏଲ ଫ୍ରି ସନସ୍କ୍ରିନ୍ ତ୍ୱଚାକୁ ସୂର୍ଯ୍ୟଙ୍କ କ୍ଷତିକାରକ ଅତି ବାଇଗଣି ରଶ୍ମି କବଳରୁ ସୁରକ୍ଷା ଦେବା ସହ ତ୍ୱଚା ଏଜିଙ୍ଗ ହେବାକୁ ଦିଏନା ।

ସବୁବେଳେ ୱାଟରପ୍ରୁଫ୍ ଉପକରଣ ବ୍ୟବହାର କରନ୍ତୁ । ଅଧିକ ୱାଟରପ୍ରୁଫ୍ କସମେଟିକ ବ୍ୟବହାର କରିବା ଦ୍ୱାରା ଏହା ଝାଳ ବାହାରିବାକୁ ଦେବନି ଏବଂ ଏହା ଫଳରେ ମେକଅପ୍ ଆଦୌ ନଷ୍ଟ ହେବନି ।

ଫେସିଆଲ ଅଏଲ ଏକ ମଏଷ୍ଟରାଇଜର ଏବଂ ୱାଟରପ୍ରୁଫ୍ ଫର୍ମୁଲା ଭାବେ କାର୍ଯ୍ୟ କରେ । ଏହାଦ୍ୱାରା ତ୍ୱଚା ମଏଷ୍ଟରାଇଜ ରହେ । ତ୍ୱଚାରେ ଏସେନିଆଲ ଅଏଲ ବ୍ୟବହାର କରିବାଦ୍ୱାରା ତ୍ୱଚା ସୂକ୍ଷ୍ମ ରହେ ଏବଂ ଏଥିସହ ତ୍ୱଚା ଅଧିକ ସମୟ ପର୍ଯ୍ୟନ୍ତ ହାଇଡ୍ରେଟ୍ ରହିବ ।

# ଅଧିକ କାମ ମଧୁମେହର କାରଣ

ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ





ଅଫିସ କାମକୁ ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁଲିନ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷାୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଊର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

# ବିଦେଶୀ ପାଠପଢ଼ାକୁ ଭାରତରେ ଉପଯୋଗ କଲେ ଯୁବପିଢ଼ି

କେବଳ ବିଦେଶରେ ଚାକିରି କରି କିମ୍ବା ବ୍ୟବସାୟ କଲେ ହିଁ ଆଗାମୀ ପିଢ଼ି ଲାଭବାନ୍ ହେବା ସହ ନିଜକୁ ପ୍ରତିଷ୍ଠିତ କରାଇପାରିବ, ଏହି ଚିନ୍ତାଧାରାକୁ ଭୁଲ ପ୍ରମାଣିତ କରିଛନ୍ତି ମୁମ୍ବାଇ ନିବାସୀ ଅନୁଜା ଯାଦବ ଓ ଚିରାଗ ଅଗ୍ରୱାଲ । ବିଦ୍ୟାଳୟରେ ଏକା ସାଥିରେ ପାଠ ପଢ଼ିଥିବା ଏଇ ଦୁଇ ବନ୍ଧୁ ଆଜି ଭାରତୀୟ ପିଢ଼ିଙ୍କ ନିମନ୍ତେ ଏକ ଉତ୍ତମ ଉଦାହରଣ ହୋଇପାରିଛନ୍ତି । ଲଣ୍ଡନରୁ ଏମବିଏ ପାଠ୍ୟକ୍ରମ ଶେଷ କରିଥିବା ଅନୁଜା ବିଦେଶୀ ଚାକିରିରେ ଆତ୍ମସନ୍ତୋଷ ପାଇପାରୁନଥିଲେ । ଶେଷରେ ଆଗପଛ ନ ଭାବି ଉଚ୍ଚପଦର ଚାକିରି ତ୍ୟାଗ କରି ମୁମ୍ବାଇ ଫେରିଆସି କୌଣସି ବ୍ୟବସାୟ ଆରମ୍ଭ କରିବାକୁ ଯୋଜନା କଲେ । ୩୦ ବର୍ଷ ପରେ ପିଲାଦିନର ସାଙ୍ଗ ଚିରାଗଙ୍କୁ ସେ ଭେଟିଲେ । ଏକ ମସଲା କମ୍ପାନୀ ଦୁହେଁ ଆରମ୍ଭ କରିବାକୁ ଯୋଜନା କଲେ । ବିଭିନ୍ନ ବର୍ଗର ଲୋକଙ୍କ ପରାମର୍ଶ ନେବା ପରେ ଶେଷରେ ଦୁହେଁ 'କୋକୋକ୍ ନ୍ୟାଚୁରାଲ' କମ୍ପାନୀ ପ୍ରତିଷ୍ଠା କଲେ । ଭାରତୀୟ ଲୋକଙ୍କୁ ଉତ୍ତମ ମାନର ଜୈବିକ ଉତ୍ପାଦ ସୁଲଭ ମୂଲ୍ୟରେ ଯୋଗାଇବା ସେମାନଙ୍କ ଲକ୍ଷ୍ୟ ଥିଲା । ଗତ ୨ ବର୍ଷ ମଧ୍ୟରେ ପ୍ରଥମେ ଭାରତୀୟ ସର୍ଫ ମଲର ଫୁଡ୍ ଷ୍ଟୋରରେ ତାଙ୍କ ଉତ୍ପାଦର ଆଦର ବଢ଼ିଲା । ଏବେ ବିଦେଶୀ



ମଲରେ ତାଙ୍କ ଉତ୍ପାଦ ସ୍ଥାନ ପାଇଛି । ଲଣ୍ଡନ ୱାଲମାର୍ଟରେ ଏଇ କୋକୋକ୍ ଉତ୍ପାଦ ବିକ୍ରି ବଢ଼ିବାରେ ଲାଗିଛି ବୋଲି ତଥ୍ୟରୁ ପ୍ରକାଶିତ । ଅନୁଜାଙ୍କ ମତରେ ଏହା ଆଦୌ ଅସମ୍ଭବ ନୁହେଁ ଯେ ନିଜ ଦେଶରେ ଜଣେ ପ୍ରତିଷ୍ଠିତ ହୋଇପାରିବ ନାହିଁ । ପ୍ରଚୁର ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ସବୁକିଛି ସମ୍ଭବ ବୋଲି ଦୁଇ ବନ୍ଧୁଙ୍କ ମତ ।

# ଶିଶୁର କିଛି ପ୍ରଶ୍ନ....

ଶିଶୁର କିଛି ପ୍ରଶ୍ନକୁ ଅଣଦେଖା କରନ୍ତୁନି । ସବୁ ପ୍ରଶ୍ନର ଉତ୍ତର ନଦେଇ ପାରିଲେ ବି ତା'ର କିଛି ପ୍ରଶ୍ନର ଉତ୍ତର ଆପଣ ଦେବା ଦରକାର । ସେହି ପ୍ରଶ୍ନ ଗୁଡ଼କ ହେଉଛି -

କାହିଁକି ତୁମେ ପାପାଙ୍କ ସହ ଝଗଡ଼ା କରୁଛ ? ତୁମେ କ'ଣ ତାଙ୍କୁ ଭଲପାଅନି ? : ଯେତେବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧରେ କଳହ ହୋଇଥାଏ ସେ ସମୟରେ ପିଲାମାନେ ମାନସିକ ସ୍ତରରେ ପ୍ରଭାବିତ ହୁଅନ୍ତି । ସେମାନେ ମଧ ବେଳେବେଳେ ଏଥିପାଇଁ ଦୋଷୀ ଅନୁଭବ କରିଥାନ୍ତି । ତେଣୁ ସେମାନଙ୍କୁ ବୁଝାଇଦେବା ଦରକାର ଯେ, ଏହା ତାଙ୍କ ଭୁଲ ନୁହେଁ । ତାଙ୍କୁ କୁହନ୍ତୁ ଯେ, ଭୁଲ ବୁଝାମଣା ପାଇଁ ଲୋକମାନଙ୍କ ମଧରେ ଯୁକ୍ତି ତର୍କ ହୋଇଥାଏ । କିନ୍ତୁ କିଛି ସମୟ ରାଗ ପରେ ସବୁ ଠିକ୍ ହୋଇଯାଏ । ଲୋକମାନେ କାହିଁକି ? ମରିଯାଆନ୍ତି ?

- ମୃତ୍ୟୁ ବିଷୟରେ ମିଛ କୁହନ୍ତୁନି । ସେମାନଙ୍କୁ କୁହନ୍ତୁ ଯେ, ପ୍ରତ୍ୟେକ ବ୍ୟକ୍ତି ଦିନେ ନା ଦିନେ ମରିବେ । ମଣିଷ ଅପେକ୍ଷା କୁକୁର ଖୁବ୍ ଶୀଘ୍ର ମରିଯାଏ । ସମସ୍ତେ ଏକ ନିର୍ଦ୍ଦିଷ୍ଟ ସମୟରେ ମରିଯାନ୍ତି । ତେଣୁ ମଣିଷ ବି ବୃଦ୍ଧ ହୋଇଗଲେ ମରିଯାଏ ।

- କାହିଁକି ତୁମେ ମୋତେ ଘରେ ଛାଡ଼ି ଅଫିସକୁ ଯାଉଛ ?

ଶିଶୁକୁ ଭଲ ଭାବେ ବୁଝାଇ ଦିଅନ୍ତୁ ଯେ, ଚାକିରି ଗୁରୁତ୍ୱପୂର୍ଣ୍ଣ । ତାକୁ ତାକୁ ଏକଥା ବି କୁହନ୍ତୁ, ତାକୁ ଘରେ ଛାଡ଼ି ଯିବା ପାଇଁ ଆପଣଙ୍କୁ ବି ଭଲ ଲାଗୁନି । କିନ୍ତୁ କାମ ହିଁ ଗୁରୁତ୍ୱପୂର୍ଣ୍ଣ । ବୁଝାଇଦିଅନ୍ତୁ, ଅଫିସରୁ ଫେରିଲେ ଦୁହେଁ ଏକାଠି ମିଶି ଅନେକ ସମୟ ଅତିବାହିତ କରିବେ ।

- ମୋତେ ଭୂତକୁ ଭୟ ଲାଗୁଛି !

ଶିଶୁର ଭୟକୁ ଅଣଦେଖା କରନ୍ତୁନି। ଜାଣିବାକୁ ଚେଷ୍ଟା କରନ୍ତୁ କ'ଣ ପାଇଁ ତାକୁ ଭୟ ଲାଗୁଛି । କୌଣସି ଛାଇ କିମ୍ବା ଶବ୍ଦକୁ ଶୁଣି ଯଦି ସେ ଭୟ କରୁଥାଏ ତେବେ ତାକୁ ଏ ବିଷୟରେ ଭଲରେ ବୁଝାଇ ଦିଅନ୍ତୁ ।

ମୁଁ ଚିକିତ୍ସକଙ୍କ ପାଖକୁ ଯିବାକୁ ଚାହେଁନା :

ଆପଣଙ୍କ ଶିଶୁ ଜାଣିବା ଉଚିତ ଯେ, ସେ ଚିକିତ୍ସକଙ୍କୁ ଭୟ କରିବା ଠିକ୍ ନୁହେଁ । ଯେତେବେଳେ ସେ ଅସୁସ୍ଥ ହୋଇ ପଡୁଛି ସେ ସମୟରେ ସେ ଚିକିତ୍ସାରେ ରହିଲେ ତାକୁ କଷ୍ଟରୁ ମୁକ୍ତି ମିଳିବ ଏବଂ ସେ ବହୁତ ଆରାମ ଅନୁଭବ କରିବ ବୋଲି ଜାଣିବା ଦରକାର।

କାହିଁକି ସେ ଲୋକଟି ଏତେ ମୋଟା :-

ଆପଣଙ୍କ ଶିଶୁ ପବ୍ଲିକ୍ ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଅଙ୍ଗୁଳି ଦେଖାଇ କିଛି କହିବା ଠିକ୍ ନୁହେଁ । ତାକୁ କୁହନ୍ତୁ ଯେ, ସମସ୍ତେ ଭିନ୍ନ ଭାବେ ଗଢ଼ା ହୋଇଛନ୍ତି । ସମସ୍ତଙ୍କ ଶରୀରର ଆକାର ଏବଂ ତ୍ୱଚାର ରଙ୍ଗ ଭିନ୍ନ । କୌଣସି ବ୍ୟକ୍ତିକୁ ଅଙ୍ଗୁଳି ଦେଖାଇ କିଛି କହିଲେ ଏହା ତାଙ୍କୁ ଆଘାତ ଦେବ । ତୁମେ ମୋତେ ତାଙ୍କ ଅନୁପସ୍ଥିତିରେ କିଛି କହିପାରିବ କିନ୍ତୁ ସମ୍ମୁଖରେ କିଛି କହିବନି।

ତୁମେ କ'ଣ ଭାଇକୁ ମୋ ଅପେକ୍ଷା ଅଧିକ ଭଲପାଅ :-

ଭାଇ ଭଉଣୀ ଝଗଡ଼ା ହେବା ସାଧାରଣ କଥା । ତେଣୁ ସେମାନଙ୍କ ଭିତରେ କେବେ ତୁଳନା କରନ୍ତୁନି । ଅପଣଙ୍କ ପିଲାକୁ ଜଣାଇ ଦିଅନ୍ତୁ ଯେ, ଆପଣ ଉଭୟଙ୍କୁ ବହୁତ ଭଲପାଆନ୍ତି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ଜୁନ୍ ୨୦୨୩, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଣିପୁରର ଭବିଷ୍ୟତ...

ମଣିପୁର- ଛୋଟ ପାହାଡ଼ିଆ ରାଜ୍ୟଟି ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଏମିତି ଅଶାନ୍ତ ହୋଇ ଉଠିଛି ଯେ ସମସ୍ୟା ସମାଧାନର କୌଣସି ପନ୍ଥା ଏଯାବତ୍ ବାହାରି ପାରିନାହିଁ। ରାଜ୍ୟ ହାଇକୋର୍ଟର ଆଦେଶ – ଇମ୍ଫାଲ ଉପତ୍ୟକାରେ ବାସ କରୁଥିବା ଆପାତତଃ ସ୍ୱଚ୍ଛଳ ମୈତେଇମାନଙ୍କୁ ତଫସିଲଭୁକ୍ତ ଜନଜାତିର ମାନ୍ୟତା ପ୍ରଦାନ କରିବା ବିରୁଦ୍ଧରେ ମେ’ ୩ ତାରିଖରେ ଆଦିବାସୀମାନଙ୍କର ଏକ ପ୍ରତିବାଦ ଶୋଭାଯାତ୍ରା ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ସୃଷ୍ଟି ହୋଇଥବା ହିଂସାକାଣ୍ଡକୁ ଅଦ୍ୟାବଧି ସମ୍ପୂର୍ଣ୍ଣ ପ୍ରଶମିତ କରି ରାଜ୍ୟରେ ପୂର୍ବବତ୍ ଶାନ୍ତିର ବାତାବରଣ ପ୍ରତିଷ୍ଠା କରିବାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସକ୍ଷମ ହୋଇ ନାହାନ୍ତି । ରାଜ୍ୟରେ ହିଂସାକାଣ୍ଡ ଆରମ୍ଭ ହେବାକୁ ଆଉ ଗୋଟିଏ ସପ୍ତାହ ଭିତରେ ଦୁଇ ମାସ ପୂରିଯିବ, କିନ୍ତୁ ମନେହୁଏ କେନ୍ଦ୍ର ସରକାର ଏହି ବିସ୍ଫୋଟକ ପରିସ୍ଥିତିର କିପରି ମୁକାବିଲା କରାଯିବ, ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ଯଦିଓ ରାଜ୍ୟରେ ଏବେ ତୃଣମୂଳ ସ୍ତରରେ ହଜାର ହଜାର ସଂଖ୍ୟକ ପୁଲିସ, ପାରାମିଲିଟାରୀ ଏବଂ ସେନାବାହିନୀର ଯବାନ୍ ପଇଁତରା ମାରୁଛନ୍ତି। ଗତ ରବିବାର ଦିନ ମଣିପୁରର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂହ ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ କରି ତାଙ୍କ ସହିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ସମ୍ଭବତଃ ଗୃହମନ୍ତ୍ରୀ ଦେଶର ସମ୍ବେଦନଶୀଳ ଉତ୍ତରପୂର୍ବ ସୀମାନ୍ତରେ ଅବସ୍ଥିତ ଏହି ରାଜ୍ୟର ଘଟଣାକୁ ଗୁରୁତର ଭାବରେ ଗ୍ରହଣ କରି ପାରି ନଥିଲେ, ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ଏଥରେ ସେ ତାଙ୍କ ମୁଣ୍ଡ ନ ଖେଳାଇ ନିକଟରେ ଶେଷ ହୋଇଥିବା କର୍ଣ୍ଣାଟକ ନିର୍ବାଚନରେ ପ୍ରଚାର ଅଭିଯାନରେ ମାତିଥିଲେ ଏବଂ ହିଂସାକାଣ୍ଡ ସଂଘଟିତ ହେବା ଏବଂ ଚାଲୁ ରହିବାର ହାରାହାରି ଏକ ମାସ ପରେ ସମ୍ପୃକ୍ତ ରାଜ୍ୟକୁ ଗସ୍ତ କରିଥିଲେ। ଇଣ୍ଡିଜେନସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍)ର କହିବା ଅନୁସାରେ ମଣିପୁର ହିଂସାରେ ବର୍ତ୍ତମାନ ସୁଦ୍ଧା ହାରାହାରି ୧୦୬ ଜଣ ଜନଜାତିର ଲୋକ ମୃତ୍ୟୁବରଣ କରିବା ସହିତ ୨୦୧ରୁ ଅଧିକ ଗ୍ରାମର ୫୦୦୦ରୁ ଅଧିକ ସଂଖ୍ୟକ ଗୃହଦାହ ଘଟଣା ଘଟିଛି ଏବଂ ୩୫୫ ପାଖାପାଖି ଚର୍ଚ୍ଚକୁ ଧ୍ୱଂସ କରି ଦିଆଯାଇଛି ତଥା ୪୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଆତଙ୍କବାଦୀ ଗୋଷ୍ଠୀମାନଙ୍କ ଦ୍ୱାରା ସୁରକ୍ଷା ବଳଙ୍କଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଲୁଟ୍ ହୋଇଛି । ଉତ୍ୟକ୍ତ ଜନତାଙ୍କ ଦ୍ୱାରା ମନ୍ତ୍ରୀମାନଙ୍କ ବାସଗୃହ ଏବଂ ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକରେ ନିଆଁ ଲଗାଇ ଦିଆଯାଇଛି । ରାଜ୍ୟରେ ହାରାହାରି ୫୦ ଦିନରୁ ଅଧିକ ସମୟ ହେବ ଇଣ୍ଟରନେଟ୍ ସେବାକୁ ବିଚ୍ଛିନ୍ନ କରାଯାଇଛି । ଜୁନ୍ ୧୩ ତାରିଖ ପରଠାରୁ ଯେହେତୁ ରାଜ୍ୟରେ କୌଣସି ହତ୍ୟାକାଣ୍ଡ ଘଟିନାହିଁ, ତେଣୁ ସରକାରୀ ବିବୃତି ସୂଚାଉଛି ଯେ ସରକାର ପରିସ୍ଥିତିକୁ ସମ୍ଭାଳି ପାରିଥିବାର ଖୁସିରେ ନିଜ ପିଠିକୁ ନିଜେ ଥାପୁଡ଼ାଉଛନ୍ତି । ଏଇ ମାତ୍ର ଦୁଇ ତିନି ଦିନ ତଳେ ପାଖାପାଖି ଦେଢ଼ ହଜାର ମହିଳା ସୁରକ୍ଷା ବଳଙ୍କୁ ଘେରାବନ୍ଦୀ କରି ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ନିର୍ବାହ କରିବାକୁ ଦେଇ ନଥିଲେ। ପରିତାପର ବିଷୟ, ଏହି ବୈଠକରେ ଯୋଗ ଦେଇଥିବା କଂଗ୍ରେସ ଦଳର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଅଭିଜ୍ଞ ସଦସ୍ୟ ଓକ୍ରାମ୍ ଇବୋବିଙ୍କୁ ତାଙ୍କର ପରାମର୍ଶ ପ୍ରଦାନ କରିବା ନିମନ୍ତେ ମାତ୍ର ଅଳ୍ପ କେତେ ମିନିଟ୍ ସମୟ ଦିଆଯାଇଥିଲା । ଏକ ଧାରଣା ସୃଷ୍ଟି କରାଯାଉଛି ଯେ କେନ୍ଦ୍ର ସରକାର ଏକ ସମସ୍ୟାକୁ ରାଜନୀତିକ ରଙ୍ଗ ଦେବାକୁ ଉଦ୍ୟମ କରୁଛନ୍ତି, ଯାହା ଘନିଷ୍ଠ ଭାବରେ ରାଜନୀତିକ । ରାଜ୍ୟରେ ପରିସ୍ଥିତିରେ ଉନ୍ନତି ଆଣିବାକୁ କେତେକ ମହଲରୁ ଏଠାରେ ରାଷ୍ଟ୍ରପତି ଶାସନ ଜାରି କରାଯିବା ଉଚିତ ହେବ ବୋଲି ପରାମର୍ଶ ଦିଆଯାଇଥିଲା । ତେବେ ଏପରି ହେବାର କ୍ୱଚିତ୍ କୌଣସି ସୂଚନା ମିଳୁଥିବା ବେଳେ ରାଜନୀତିକ ସମାଧାନର ପନ୍ଥା ବାହାର କରାଯିବାକୁ ଚେଷ୍ଟା କରାଯାଉଥିବା ସମ୍ପର୍କରେ ସୂଚନା ଦିଆଯାଉଛି । ୧୦ ଜଣ କୁକି ବିଧାୟକ, ଯେଉଁମାନଙ୍କ ମଧ୍ୟରୁ ସାତ ଜଣ ଖୋଦ୍ ବିଜେପିର, ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ସେମାନେ ସାମ୍ପ୍ରତିକ ମୁଖ୍ୟମନ୍ତ୍ରୀ ମୈତେଇମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ଭଳି ପକ୍ଷପାତିତାର ଅଭିଯୋଗ ଉଠାଇଛନ୍ତି। ଗତ ରବିବାର ଦିନ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ଯେତେବେଳେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ‘ସାମ୍ପ୍ରତିକ ପରିସ୍ଥିତି’– ନିଚ୍ଛକ ବାସ୍ତବତାଠାରୁ ଧ୍ୟାନ ହଟାଇବା ନିମନ୍ତେ କୁହାଯାଇଥିବା ଏକ ଆବରକ ବିବୃତି- ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଭେଟିଲେ, ତାଙ୍କୁ ସ୍ୱାଭାବିକ ଭାବରେ ପରିସ୍ଥିତି ସମ୍ପର୍କରେ କହିବାକୁ ଏବଂ ସାମ୍ପ୍ରଦାୟିକ ଗୋଷ୍ଠୀମାନଙ୍କ ସହିତ ନିଷ୍ପକ୍ଷ ବ୍ୟବହାର ପ୍ରଦର୍ଶନ କରିବାକୁ କୁହାଯାଇଛି । ମଣିପୁରରେ ହିନ୍ଦୁମାନେ ସଂଖ୍ୟାଗରିଷ୍ଠ ହୋଇଥବା ବେଳେ କୁକି-ଜୋ ଜନଜାତିର ଅଧିକାଂଶ ଲୋକ ଖ୍ରୀଷ୍ଟିଆନ୍। ଦୁର୍ଭାଗ୍ୟବଶତଃ ଏହି ସାମ୍ପ୍ରଦାୟିକ ଭିନ୍ନତାକୁ ଧର୍ମଗତ ସଂଜ୍ଞା ପ୍ରଦାନ କରାଯାଇଛି ଏବଂ ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନଙ୍କଠାରେ ସବୁ ଧର୍ମ ପ୍ରତି ନିରପେକ୍ଷତା ପ୍ରଦର୍ଶନ କରିବାରେ ଅଭାବ ରହିଛି ବୋଲି ଗ୍ରହଣ କରି ନିଆଯାଇଛି । କହିବା ବାହୁଲ୍ୟ, ମଣିପୁରରେ ସ୍ଥିତିକୁ ସ୍ୱାଭାବିକ କରିବା ନିମନ୍ତେ ଦୃଢ଼ ରାଜନୀତିକ ପଦକ୍ଷେପ ନିଆଯିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା ।

# ଇ-ଗଭର୍ଣ୍ଣାନ୍ସ ଓ ଦୁର୍ନୀତିରୁ ସୁରକ୍ଷା



ରୋଜାଲିନ୍ ମହାପାତ୍ର

ନିକଟରେ କେରଳ ସରକାରଙ୍କ ସମସ୍ତ ଯୋଜନା ଶତ ପ୍ରତିଶତ ଇ-ଗଭର୍ଣ୍ଣାନ୍ସ ହେଇଅଛି । କହିବା ବାହୁଲ୍ୟ ଯେ କେରଳ ଭାରତର ସବୁଠୁ ଶିକ୍ଷିତ ରାଜ୍ୟ ଯେଉଁଠି ଶିକ୍ଷିତ ହାର ହେଉଛି ୯୪ ପ୍ରତିଶତ । ଦୁର୍ନୀତି ଭିତରେ କିଏ ନ ବୁଡ଼ିକି ରହିଛି, ସେୟା ଆର୍ଥିକ ହେଉ ନତୁବା ନୈତିକ । କିନ୍ତୁ ସମାଜ ପାଇଁ ସବୁ ପ୍ରକାର ଦୁର୍ନୀତି ସମାନ କ୍ଷତିକାରକ ; କିନ୍ତୁ ଆଜି ମୁଁ କହୁଛି ଆର୍ଥିକ ଦୁର୍ନୀତି କଥା । ନିବାରଣ ଏକରକମର ଅସମ୍ଭବ ଲାଗେ, କିନ୍ତୁ ପୃଥିବୀରେ ଏମିତି କିଛି ଦେଶ ଅଛନ୍ତି, ଯେଉଁଠି ଲୋକାଭିମୁଖି ଯୋଜନା ଏବଂ ସ୍ୱଚ୍ଛ ଆଭିମୁଖ୍ୟ ତଥା ପରିଚାଳନାରେ ସହଭାଗିତା ଖଞ୍ଜାଯାଇଥିବାରୁ ଦୁର୍ନୀତିର ନାମ ଗନ୍ଧ ଆଉ ନାହିଁ ।

ଜାନୁୟାରୀ ୨୦୨୩ରେ ପ୍ରକାଶିତ ୨୦୨୨ର କରପ୍ସନ ପର୍ସେପ୍ସନ ଇଣ୍ଡେକ୍ସ ବର୍ତ୍ତମାନ ୧ ମେ ୨୦୨୧ ରୁ ୩୦ ଏପ୍ରିଲ ୨୦୨୨ ମଧ୍ୟରେ ପରିସ୍ଥିତିକୁ ଆଧାର କରି ୧୮୦ ଦେଶକୁ ‘ଶହେ (ଅତି ପରିଷ୍କାର)ରୁ ଶୂନ୍ୟ (ଅତ୍ୟଧିକ ଦୁର୍ନୀତିଗ୍ରସ୍ତ) ସ୍କେଲରେ ସ୍ଥାନିତ କରିଛି। ଡେନମାର୍କ, ଫିନଲ୍ୟାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ନରୱେ, ସିଙ୍ଗାପୁର, ଏବଂ ସ୍ୱିଡେନ ଆନ୍ତର୍ଜାତୀୟ ଆର୍ଥିକ ସ୍ୱଚ୍ଛ ମାନ୍ୟତା ପାଇ ସର୍ବନିମ୍ନ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବରେ ବିବେଚିତ ହୋଇଥିବାବେଳେ ସୋମାଲିଆ (୧୨ ସ୍କୋର), ସିରିଆ ଏବଂ ଦକ୍ଷିଣ ସୁଦାନ (ଉଭୟ ସ୍କୋର ୧୩) ସର୍ବାଧିକ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ସ୍ଥାନିତ ହେଇଅଛନ୍ତି । ରାଜନୀତିରେ ସମନ୍ୱୟ ଦୁର୍ନୀତି ବିରୋଧରେ ଲଢିବା ପାଇଁ ଚାବିକାଠି । ଭଲ ସ୍କେଲ ହାସଲ କରିଥିବା ଦେଶ ମାନଙ୍କରେ ଉଚ୍ଚ ସ୍ତରର ପ୍ରେସ୍ ସ୍ୱାଧୀନତା, ଜନସାଧାରଣଙ୍କୁ ଖର୍ଚ୍ଚ ସମ୍ବନ୍ଧୀୟ ସୂଚନା ପ୍ରଦାନ, ସରକାରୀ ଅଧିକାରୀଙ୍କ ପାଇଁ ନୈତିକ ମାନ ଏବଂ ସ୍ୱାଧୀନ ନ୍ୟାୟିକ ବ୍ୟବସ୍ଥା ଏହି ସଫଳତା ନିମନ୍ତେ ଉତପ୍ରେରକ ସାଜିଆଛି ।

ତେବେ ଭାରତ କଥା ଯଦି ଆଲୋଚନା କରିବା ତେବେ ବହୁତ ଗୁଡ଼ିଏ ଆହ୍ୱାନ ରହେ ଯେଉଁଥିପାଇଁ ଦୁର୍ନୀତି ପ୍ରଶମନ ହୋଇପାରେନାହିଁ । ଏହି କ୍ଷେତ୍ରରେ ନୂତନ ଆଶା ଇ-ଗଣର୍ଣ୍ଣାନ୍ସ ମାଧମରେ ଆସିବ ବୋଲି ରାଜନୈତିକ ବିଶ୍ଳେଷଣକାରୀଙ୍କ ମତ । ତେବେ ମନରେ ପ୍ରଶ୍ନ ଉଠେ କଣ ଏହି ଇ-ଗଭର୍ଣ୍ଣାନ୍ସ ?

ଇଲେକ୍ଟ୍ରୋନିକ୍ ଗଭର୍ଣ୍ଣାନ୍ସ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ର ପ୍ରୟୋଗ ସହିତ ସରକାରୀ କାର୍ଯ୍ୟକଳାପକୁ ବୁଝାଏ । ତେଣୁ ଇ-ଗଭର୍ନାନ୍ସ ଆଦର୍ଶ ଶାସନ ଆଡ଼କୁ ଏକ ପଦକ୍ଷେପ ଅଟେ ଯାହା ସରଳ, ନୈତିକ, ଉତ୍ତରଦାୟୀ, ପ୍ରତିକ୍ରିୟାଶୀଳ ଏବଂ ସ୍ୱଚ୍ଛ ଶାସନ ଅଟେ । ସରକାରୀ କଳ ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଚାର କରିବାରେ ଇ-ଗଭର୍ଣ୍ଣାନ୍ସ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ।ସରକାରଙ୍କ ନିୟମର ସରଳୀକରଣ ତଥା ସୂଚନା ଏବଂ ପ୍ରଯୁକ୍ତିର ପ୍ରୟୋଗ ସହିତ ଜଟିଳ ପ୍ରକ୍ରିୟାକୁ ଏଡ଼ାଇ ଏକ ଉପଭୋକ୍ତା ଅନୁକୂଳ ସରକାର ପ୍ରଦାନ କରିବା ଏହାର ଅନ୍ୟତମ ଲକ୍ଷ୍ୟ ।

ବିଭିନ୍ନ ସରକାରୀ କଳର ଦକ୍ଷତା ବୃଦ୍ଧି ପାଇଁ ପ୍ରଯୁକ୍ତିର ହସ୍ତକ୍ଷେପ ସହିତ ପ୍ରଶାସନିକ ଏବଂ ରାଜନୈତିକ ବ୍ୟବସ୍ଥାରେ ନୂତନ ରକ୍ତର ସଞ୍ଚାର ଏହାର ଅନ୍ୟତମ ଲକ୍ଷ୍ୟ । ୱେବସାଇଟ୍ କିମ୍ବା ବିଭିନ୍ନ ପୋର୍ଟାଲ୍ ପରି ସାର୍ବଜନୀନ ଡୋମେନରେ ସୂଚନା ପ୍ରଦାନ କରି ସରକାରଙ୍କ କାର୍ଯ୍ୟ ଏବଂ ପ୍ରକ୍ରିୟାକୁ ସ୍ୱଚ୍ଛ କରିଥାଏ ଏହି ଇ-ଗଭର୍ଣ୍ଣାନ୍ସ ।

କେରଳରେ ଇ-ସାକ୍ଷରତା ସ୍ତର ବୃଦ୍ଧି ଏବଂ ଡିଜିଟାଲ ଭିତ୍ତିଭୂମି ଉପଲବ୍ଧତା ସହିତ ସେବାଗୁଡିକ ପାଇଁ ଚାହିଦା ବଢିବାରେ ଲାଗିଛି ଯାହା ନାଗରିକମାନଙ୍କୁ ଇ-ଶାସନର ସମ୍ଭାବନାକୁ ହୃଦୟଙ୍ଗମ କରିବାରେ ସାହାଯ୍ୟ କରେ । ‘ଅକ୍ଷୟ କେନ୍ଦ୍ର’ ନାମକ ଇ- ଜ୍ଞାନ ବିସ୍ତାର ସଂସ୍ଥା ମାଧମରେ ସୂଚନା ବିତରଣ ହୁଏ, ଯାହା ସାରା ରାଜ୍ୟରେ ସଞ୍ଚରି ଥାଏ ଏବଂ ପ୍ରତ୍ୟେକ ପରିବାର ନିକଟରେ ସହଜରେ ପହଞ୍ଚିଥାଏ । ମୂଳ ଡିଜିଟାଲ୍ ଭିତ୍ତିଭୂମିର ଏକ ଅଂଶ ଭାବରେ ଗଠିତ ରାଜ୍ୟ ତଥ୍ୟ କେନ୍ଦ୍ର ଇ-ଗଭର୍ନାନ୍ସ ସେବା ଯୋଗାଇଥାଏ । ସମଗ୍ର ରାଜ୍ୟର ତଥ୍ୟ ଗୁଡିକ କେରଳ ଷ୍ଟେଟ ୱାଇଡ୍ ଏରିଆ ନେଟୱାର୍କ ସହ ଜଡ଼ିତ ଯାହା ତିନୋଟି ନେଟୱାର୍କ ଅପରେଟିଂ ସେଣ୍ଟର, ୧୪ ଜିଲ୍ଲା ହେଡ଼ କ୍ୱାର୍ଟର୍ସ, ୧୫୨ ବ୍ଲକ ହେଡ଼ କ୍ୱାର୍ଟର୍ସ ଏବଂ ୬୩ ମିନି ପଏଣ୍ଟ ଅଫ୍ ପ୍ରେଜେନ୍ସ ସହିତ ସଂଯୁକ୍ତ । ସୂଚନା ବିତରଣ ଏବଂ ପାରସ୍ପରିକ କାର୍ଯ୍ୟକଳାପକୁ ସମର୍ଥନ କରିବାକୁ, ନାଗରିକ କଲ୍ ସେଣ୍ଟର ସରକାରୀ ବିଭାଗରେ ସହାୟତା ଯୋଗାଇବା ପାଇଁ ସିଙ୍ଗଲ୍ ୱିଣ୍ଡୋ ସୁବିଧା ଭାବରେ କାର୍ଯ୍ୟ କରିଥାଏ । ଇ-ଜିଲ୍ଲା ଯୋଜନା ମାଧମରେ ସରକାର ସମସ୍ତ ଜିଲ୍ଲାକୁ ଏକ ସାଧାରଣ ପ୍ଲାଟଫର୍ମ ଅଧୀନରେ ଆଣି ରାଜସ୍ୱ ବିଭାଗ, ଅନଲାଇନ୍ ଆରଟିଆଇ, ଜନ ଅଭିଯୋଗ ଅଭିଯୋଗ, ରାଜସ୍ୱ କୋର୍ଟ ମାମଲା ଏବଂ ବିଭିନ୍ନ ଦେୟ ସମ୍ବନ୍ଧୀୟ ଆଦି ଉଚ୍ଚମାନର ନାଗରିକ ସେବା ପ୍ରଦାନ କରୁଛନ୍ତି। ବାସ୍ତବରେ, ଇ-ଜିଲ୍ଲା ସୁବିଧା ୨.୪୦ କୋଟିରୁ ଅଧିକ ପ୍ରମାଣପତ୍ର ପ୍ରଦାନ କରିବାରେ ସକ୍ଷମ ହୋଇଛି, ଯାହାକି ଭାରତର କୌଣସି ରାଜ୍ୟ ଦ୍ୱାରା ସର୍ବାଧିକ ସଂଖ୍ୟକ କାରବାର ଅଟେ । ପ୍ରୟୋଗ ଗୁଡ଼ିକ ଦ୍ରୁତ, ସ୍ୱଚ୍ଛ ଏବଂ ଦକ୍ଷ ସେବା ପାଇଁ ସମନ୍ୱିତ କର୍ମଚାରୀ ସେବା, ଇ-ସ୍ୱାସ୍ଥ୍ୟ, ଇ-ଅଫିସ୍, ଏବଂ ଇ-କ୍ରୟ ବ୍ୟବସ୍ଥା ଲାଗୁ ହେଇଅଛି । ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏକ ଉଚ୍ଚ ସ୍ତରର ସ୍ୱଚ୍ଛତା ନିଶ୍ଚିତ କରିବାକୁ, କେରଳ ପାଇଁ ପ୍ରଶାସନିକ ସଂଗ୍ରହାଳୟ କାର୍ଯ୍ୟ କରୁଛି । ପ୍ରତ୍ୟେକ କର୍ମଚାରୀଙ୍କର ଏକ ଅନନ୍ୟ ସ୍ଥାୟୀ କର୍ମଚାରୀ ସଂଖ୍ୟା ରହିଛି ଯାହା ସେବା ପ୍ରଦାନ ଏବଂ ବ୍ୟବସ୍ଥା ମଧ୍ୟରେ ପଂଜିକୃତ କରେଇ ଉତ୍ତରଦାୟି ରଖେ । ସ୍ୱାସ୍ଥ୍ୟ କଥା ଯଦି ଆଲୋଚନା କରିବା ଇ-ସ୍ୱାସ୍ଥ୍ୟ ସେବାଗୁଡିକ ଦକ୍ଷ ବିତରଣକୁ ନିଶ୍ଚିତ କରିବା ପାଇଁ ଏକ ସମନ୍ୱିତ ଢାଞ୍ଚା ପ୍ରଦାନ କରିଥାଏ । ଏଥିରେ ପ୍ରାଥମିକ, ମାଧମିକ ଏବଂ ତୃତୀୟ ଚିକିତ୍ସା କେନ୍ଦ୍ରରେ ଡାକ୍ତର, ପାରାମେଡିକାଲ୍ ଏବଂ ଅଣ-କ୍ଲିନିକାଲ୍ କର୍ମଚାରୀଙ୍କୁ ନେଇ ପ୍ରାୟ ୫୦ ହଜାର ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ସହାୟତା ସୂଚନାର ଏକ କେନ୍ଦ୍ରୀୟ ଡାଟାବେସ ରହିଅଛି । ଇ-ଅଫିସ୍ ମାଧମରେ ବିଭିନ୍ନ ସରକାରୀ ବିଭାଗ, ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ, ନିର୍ଦ୍ଦେଶାଳୟ ଏବଂ ଅନ୍ୟାନ୍ୟ ଲାଇନ ବିଭାଗରେ ଫାଇଲଗୁଡିକ ପରିଚାଳନା କରିବାରେ ଦକ୍ଷତା, ଗତି ଏବଂ ସ୍ୱଚ୍ଛତା ଆଣିଥାଏ । ଇ-କ୍ରୟ ମାଧମରେ ସାର୍ବଜନୀନ କ୍ରୟ କାର୍ଯ୍ୟକଳାପରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରେ ।

କେରଳର ଏହିଭଳି ମୋଡେଲ୍କୁ ଅନ୍ୟ ରାଜ୍ୟମାନେ ଗ୍ରହଣ କରିପାରିଲେ ଭାରତର ପ୍ରଭୂତ ଉନ୍ନତି ଅଳ୍ପ ଦିନରେ ସାଧିତ ହେଇଯିବ ।

+ ଜୁନିୟର ଟାଇପିଷ୍ଟ, ଝାରସୁଗୁଡ଼ା କୋର୍ଟ
ମୋ: ୯୭୭୬୭୩୦୦୨୦

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର



ଡାକ୍ତର ସମ୍ରାଟ କର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ।

ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧା : ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶା ଦ୍ରବ୍ୟର ବ୍ୟବହାର : ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏଠି ସୂଚନାଯୋଗ୍ୟ ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

+ ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ: ୯୧୩୨୪୩୩୩୩୩




## ନୀଳ ନିମନ୍ତ୍ରଣ

ବେଣୁଧର ସୂତାର

ଲଳିତ ଚମକ ନୟନରେ ଯାର
ଅୟୁତ ଯୁଗର ତନ୍ଦ୍ରା ଜାଗେ
କୁଆଁରୀ ଦେହର କଅଁଳ ମନଟା
ନିବିଡ ହୃଦୟ ମମତା ମାଗେ ।

ଜୋଛନା ପଖଳା ଶାନ୍ତ ବିଭାବରୀ
ତୁମରି ପରଶେ ଉଠିବ ଚେଇଁ
ମୁଁ ଯେ ପ୍ରତୀକ୍ଷାର ବିଧୁର ତାରୁଣ୍ୟ
ନିବିଡ ନିଶିର ଉଦାସୀ କଇଁ ।

ଭବ ଉପବନେ ପ୍ରେମାମୃତ ପାନେ
ନିରବେ ରହିଛି ଯା ପଥ ଚାହିଁ
ପ୍ରେମପୀୟୂଷରେ ପୀରତିଅର୍ଘ୍ୟରେ
ତନୁତୀର୍ଥ ମୋର ଦେବ ଭିଜାଇ ।

ବୟସ ନିଶାରେ ଅୟସୀ ତନୁ ମୋ
ଆତୁରେଲୋଡେ ଯା ପ୍ରୀତି ବନ୍ଧନ
ମନତଳେ ଖେଳେ ବେପଥୁବଳାକା
ଆଖିରେ ଆଖିଏ ମିଠା ସପନ ।

ତୁମେ ଆକାଶର ଚିରନ୍ତନୀ ସତ୍ତା
ମୁଁ ମାଟି ମରତ ନଶ୍ୱର ଦେହୀ
ଆଦି ରସ ଭରା ପ୍ରୀତି ପୀୟୂଷରେ
ବୟସକୁ ମୋର ନିଅ ଚୋରାଇ ।

କୁଆଁରୀ ମନର ମଉଳା ଓଠରେ
ଫୁଟାଇବା ପାଇଁ ବଧୂଲି ହସ
ଘେନାକରି ମୋର ନୀଳ ନିମନ୍ତ୍ରଣ
ଅନ୍ତପୁରେ ପ୍ରିୟ ଆସ ଗୋ ଆସ ।
ନୀଳ ସରସୀର ନୀଳ ଉତ୍ପଳ ମୁଁ
ତୁମେ ନୀଳାମ୍ବର ସୌମ୍ୟ କୁମାର
ଶିଖାଇବା ବିଶ୍ୱେ ପରିପୂର୍ଣ୍ଣତାର
ଆମ ପ୍ରେମ ଅଟେ ଚିର ସୁନ୍ଦର ।

+ କେଶଦୁରାପାଳ ,କେନ୍ଦୁଝର
ମୋ -୯୧୭୮୫୬୮୨୪୬

## ମୋଗାଁ

ପ୍ରଦୀପ୍ତ ମିଶ୍ର

କେବେ ଶୁଣିଛକି ଗାଁର ଡାକ
ସହର ଚାଦର ତଳୁ ମୁହଁଟି କାଢି
ଦେଖିଯାଅ ଥରେ ତାର ଦରଦ
ତା ସରଳ ଭାଷାରେ ଦିଅଇବାଢ଼ି।

ନାହିଁସେ ସବୁଜ ଶାଢ଼ୀତାହାର
ମାଟିତା ଖୋଜୁଛି ନରମ ନିଶ୍ୱାସ
ପ୍ରସୁପ୍ତ ବୀଜଟି ଦେଖୁନି ସପନ
କଂକ୍ରିଟତଳେ ଲୁଚିଯାଏତାବିଶ୍ୱାସ।

ଚଞ୍ଚଳା ନଦୀର ବହପ ସରିଛି
ପୁଷ୍କରିଣୀରେ ଫୁଟେନି ପଦୁଅଁ କଢି
ଶୁଭୁନି ଘାଟିଆର ଆଉସେଗୀତ
ଆସେନିତ କେବେ ଭୋଦୁଆ ବଢି।

ଶମଶାନେ ନାହିଁ ଡାହାଣୀଆଲୁଅ
ଟିକି ବରଗଛ ହୋଇଯାଇଛି ଏକା
କିଚିରୀ ମିଚିର ଶବଦ ଶୁଭେନିତ
ରାତିପ୍ରହରେ ଶୁଭେନି ବିଲୁଆଡକା।

ମନ୍ଦିର ଭକତ ସମସ୍ତେ ଅଛନ୍ତିଯେ
ନାହିଁ ଭକତଙ୍କ ମଧ୍ୟେ ପୂରୁବସରାଗ
ପଙ୍ଗତ ପଡୁଛି ଜନ୍ତାଳ ନାମରେ
ସବୁସାରିଦେଲା ଏବେ ରାଗବିରାଗ।
ସେନେହ ସରାଗ ଉଜୁଡି ଯାଇଛି
ନିଶା ପଶା ପାଲି ହୋଇ ଅଭ୍ୟାସ
ବାଡ଼ି ଘେରା ଏବେ ପଡ଼ିଆପଡିଛି
ମାଗଣା କରୁଛିସିନା ଏସବୁ ରହସ୍ୟ।

+ ଅରେଇ, ଯାଜପୁର
ମୋ: ୯୬୫୮୬୧୪୭୨୮



## ଖରାଦିନ ପ୍ରେମ

ରାହାସ କୁମାର ବେହେରା

ଖରାଦିନ ପ୍ରେମ ପାଚଲା କେନ୍ଦୁ ଲୋ
ତାଳ ସଜ ପରି ମିଠା
ପଖାଳ ଭାତକୁ ବଡି ଶାଗ ଭଜା
ଲାଗଇ ପଣସ ଅଠା ।

ପିଆସୀ ଚେହେରା ଜାମୁ କୋଳି
ପରି
ଗରମରେ ଯାଏ ପାଚି
ମଲ୍ଲି ଅତରରେ ଯେତେ ସଜେଇଲେ
ପାଖରୁ ଯାଉଛି ଘୁଂଚି ।

ଆମ୍ବ ରସ ପରି ରସାଳ ହୃଦୟ
ଆମ୍ବିଳା ଯାଉଛି ପଡି
ଖୁସି ଟିକେ ପାଇଁ ଦେଲେ ମୁଁ ଖଜୁରି
ସଖୀ ମୁହଁ ଦିଏ ମୋଡି ।

ତରଭୁଜ ଖାଇ ଚତୁରୀ ମାନସୀ
ଆଶ୍ୱସ୍ତିରେ ଦିଏ ହସି
ଲଙ୍କା ଆମ୍ବ ଧରି ସୁନ୍ଦର ସପନେ
ଗାଏ ଗୀତ ବାର ମାସି ।

ଡାଳିମ୍ବ, କଦଳୀ, ଗୁଡ଼ ପଣା ପିଇ
ପେଟ ଥଣ୍ଡା କରେ ପ୍ରିୟା
ମିଳନ ପ୍ରତ୍ୟୟେ ସପୁରି ପରାୟେ
ଗରମରେ ରଚେ ମାୟା ।

ରାତି ସରିଯାଏ ଚାନ୍ଦିନୀ ଚଞ୍ଚକେ
ଅଙ୍ଗୁର ଲାଗଇ ଖଟା
ବେଲ ପରି ଶୁଖି ନିରୀହ ପରାଣ
ପଡିଯାଏ ପୂରା ସିଠା ।

ନିଦାଘ ନିନାଦେ ନିଦାର ବାଜଣା
ଷ୍ଟ୍ରବେରୀ ଦିଏ ଶାନ୍ତି
ଅସରାଏ ମେଘ ବରଷି ଯାଆନ୍ତା
ହଟନ୍ତା ବିଚ୍ଛେଦ କ୍ଳାନ୍ତି ।

+ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ: ୯୪୩୮୧୧୪୩୬୮

## ବିଶ୍ୱାସ

ବର୍ଷାରାଣୀ ମହାମଲ୍ଲିକ

ବିଶ୍ୱାସ ଭାରି ଜରୁରୀ ଶବ୍ଦଟିଏ
ବିଶ୍ୱାସ ସମ୍ମିଳିତ ଲୋକଙ୍କୁ
ବିଶ୍ୱାସ କରିହୁଏ
ବୁଝୁଥିବା ମଣିଷକୁ
ବିଶ୍ୱାସ ଦିଆଯାଏ,
ବିଶ୍ୱାସ କରିହୁଏନା ତାକୁ,
ଯିଏ ବିଶ୍ୱାସ ରୂପୀ ତିଅଣରେ
ବିଷ ଘାଣ୍ଟୁଥାଏ,
ତଥାପି ମଣିଷ ତ ବିଶ୍ୱାସରେ ବଞ୍ଚେ
ଭରଷାରେ ଜୀବନନଉକା
ବାହିବାର ସାହସ ପାଏ,
ଆଗକୁ ବଢିବାର ଖୋରାକ ପାଏ,
ବିଶ୍ୱାସ ଆଣିଦିଏ ନୂଆ ସମ୍ଭାବନା
ଯୋଗାଏ ନୂଆ ଚେତନା,
ଆଉ ଥରେ ଯଦି
ଭାଙ୍ଗିଯାଏ ବିଶ୍ୱାସ,
ତେବେ ଭାଙ୍ଗିଯାଏ ମଣିଷ ର
ଅତି ସତର୍କରେ ତିଆରି ହୋଇଥିବା
ବିଶ୍ୱାସର ବାଲିଘର,
ବିଶ୍ୱାସ ସତରେ କାଚଖଣ୍ଡ ଭଳି
ଥରେ ଭାଙ୍ଗିଗଲେ, ତାକୁ ଯୋଡ଼ିବା
ସମ୍ଭବ ନୁହଁ
ଆଉ ଯୋଡ଼ିଲେ ବି
କିଛି କାମର ନୁହଁ
ସେଥିପାଇଁ ତ ବିଶ୍ୱାସକୁ
ବିଶ୍ୱାସ ସହିତ
ବଞ୍ଚାଇବାକୁ ହୁଏ...
ଆଉ ଯଦି ଥରେ ଭାଙ୍ଗିଯାଏ
ବିଶ୍ୱାସ କର ମଣିଷ ଅନ୍ତରରୁ
ମରିଯାଏ।

+ ଜିଲ୍ଲା : ବରଗଡ଼
ମୋ: ୮୨୬୦୬୫୯୩୩୨






ଧ୍ୱନି ପ୍ରତିଧ୍ୱନି
୫
୨୯ ଜୁନ୍ ୨୦୨୩, ଗୁରୁବାର, ବାଲେଶ୍ୱର

# ଗୃହିଣୀ : ହାଉସ ୱାଇଫ ଦ ଅନପେଡ ଲେବର

## ଅଲକା ରାୟ





ଗୃହିଣୀ (ହାଉସ ୱାଇଫ)ର ସଂଜ୍ଞା ଅବା ଭାବର ସଠିକ୍ ଅର୍ଥ ଶବ୍ଦ କୋଷରେ କିଛି ଏହିଭଳି ବ୍ୟାଖ୍ୟାୟନ କରାଯାଇଥିବାର ଦେଖିବାକୁ ମିଳେ ଯଥା- : ବିନା ବେତନରେ ଘର ପରିଚାଳନା କରୁଥିବା ବିବାହିତା ମହିଳା। ଏପରି ବ୍ୟାଖ୍ୟାୟନ ଅକସଫୋର୍ଡ ଇଂରାଜୀରୁ ଓଡ଼ିଆ ଶବ୍ଦକୋଷରେ କରାଯାଇଅଛି। ଓଡ଼ିଆ ଅଭିଧାନ ରେ ଗୃହିଣୀ ଘରଣୀ ଓ କୁଳବଧୂ ବୋଲି ବ୍ୟାଖ୍ୟା କରାଯାଇଛି। ତେବେ ଆଲୋଚନାର ପ୍ରସଙ୍ଗ ଏହି ଯେ କିଛି ଦିନ ତଳେ ମହିଳା ଦିବସ ଅବସରରେ ପ୍ରିଣ୍ଟମିଡ଼ିଆ ତଥା ଇଲେକ୍ଟ୍ରୋନିକ ମିଡିଆରେ ଗୃହିଣୀ ମାନଙ୍କୁ ନେଇ ବହୁ ଚର୍ଚ୍ଚା ଚାଲିଥିଲା ଯାହାର ବିଷୟବସ୍ତୁ ଥିଲା ହାଉସ ୱାଇଫ ଦ ଅନପେଡ ଲେବର ଏବଂ ଗୃହିଣୀ ମାନଙ୍କୁ ଦରମା ମିଳିବା ଉଚିତ୍ କି?

ସ୍ପେନର ଏକ ଅଦାଲତର ରାୟ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଛାଡ଼ପତ୍ର ମାମଲାରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କଠାରୁ ଏକ ଲକ୍ଷ ଅଠର ହଜାର ଡ଼ଲାର କ୍ଷତି ପୂରଣ ପାଇଛନ୍ତି। ଏହି କ୍ଷତିପୂରଣ ତାଙ୍କର ସୁଦୀର୍ଘ ପଚିଶ ବର୍ଷର ଦାମ୍ପତ୍ୟ ଜୀବନରେ ସେ ଗୃହରେ କରିଥିବା ଅବୈତନିକ ଗୃହକର୍ମ ପାଇଁ ପାଇଛନ୍ତି। ଛାଡ଼ପତ୍ର ମାମଲାରେ ଜଣେ ମହିଳା କ୍ଷତିପୂରଣ ପାଇବା ଆଇନ ସ୍ୱୀକୃତ, ଯଦି ନାରୀଟିର କୌଣସି ରୋଜଗାରର ମାଧ୍ୟମ ନାହିଁ ଓ ସେ ସମ୍ପୂର୍ଣ୍ଣ ଭାବେ ସ୍ୱାମୀ ଉପରେ ନିର୍ଭରଶୀଳ। କିନ୍ତୁ ସେ ପାଇଥିବା କ୍ଷତିପୂରଣ ଯେ ଅବୈତନିକ ଗୃହକର୍ମ ପାଇଁ, ଏହାମଧ୍ୟ ଆଲୋଚନା ସାପେକ୍ଷ। କାରଣ ଆଇନତଃ ଗୃହିଣୀ ମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବେତନ ଧାର୍ଯ୍ୟ କରାଯାଇ ନାହିଁ। ମହିଳାମାନଙ୍କ ଗୃହରେ କରୁଥିବା ଶ୍ରମକୁ ଆଜି ପର୍ଯ୍ୟନ୍ତ ଆକଳନ କରାଯାଇନାହିଁ। ଅବୈତନିକ ଓ ଶ୍ରମିକ ଭଳି ଶବ୍ଦ ବ୍ୟବହାର କେତେଦୂର ସମୀଚିନ ଗୃହିଣୀମାନଙ୍କ ପ୍ରତି ତାହା ମଧ୍ୟ ବିଚାର ସାପେକ୍ଷ। ଶ୍ରମ ଦାନ କରୁଥିବା ସମସ୍ତ ମହିଳା ଓ ପୁରୁଷ ଯଥା:- ଡକ୍ଟର, ଇଂଜିନିୟର, ଆଇଏଏସ୍ ଅଫିସର, କିରାଣୀ, ଶିକ୍ଷକ ଇତ୍ୟାଦି ମାନଙ୍କୁ କଣ ଶ୍ରମିକ ବୋଲି ବ୍ୟାଖ୍ୟା କରାଯାଏ? କର୍ମଜିବୀ ମହିଳା ମାନଙ୍କୁ କଣ ଶ୍ରମିକ ବୋଲି ବ୍ୟାଖ୍ୟା କରାଯାଏ? ଯଦି ନୁହେଁ ତେବେ ଗୃହିଣୀମାନଙ୍କୁ ଯେଉଁ ମାନେ ଗୃହ କର୍ମ ତଥା ପରିଚାଳନା କରୁଛନ୍ତି ଶ୍ରମିକ ବୋଲି କହିବା କଣ ଠିକ୍! ଗୃହ କର୍ମ ଜଣେ ନାରୀ ସ୍ୱଇଚ୍ଛାରେ କରିଥାଏ। ସେ କାହା ଅଧିନରେ କାମକରେ ନାହିଁ। ସେ ସ୍ୱତନ୍ତ୍ର ତେଣୁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ।

ବିବାହ ପରେ ନାରୀଟି ଅର୍ଦ୍ଧାଙ୍ଗିନୀର ଗୌରବ ପ୍ରାପ୍ତି କରିଥାଏ। ଗୃହିଣୀ, କୁଳବଧୂ ଆଦି ଆଳଙ୍କରିକ ଶବ୍ଦରେ ବିଭୂଷିତ ହୋଇଥାଏ। ଏସବୁ ପ୍ରାପ୍ତି ପରେ ମଧ୍ୟ ଦୁନିଆରେ ସବୁଠାରୁ ମିଠା ଓ ଶାନ୍ତି ତଥା ଗୌରବ ପ୍ରଦାନ କରୁଥିବା ଶବ୍ଦଟି ହେଲା 'ମାଆ'। ସନ୍ତାନର ଲାଳନପାଳନ ଜଣେ ନାରୀ ସ୍ୱଇଚ୍ଛାରେ ଏବଂ ଖୁସିରେ କରିଥାଏ। କେହି ଯଦି କହେ ସେ 'ମାଆ'ର ଋଣ ସୁଝି ଦେବ ତାହା କେବଳ ମୂର୍ଖାମି ଓ ବାଚାଳାମି ବ୍ୟତିତ ଆଉକିଛି ନୁହେଁ। ସେନେହ, ଯତ୍ନ, ଦାୟବଦ୍ଧତା,ତଥା ତ୍ୟାଗର କୌଣସି ମୂଲ୍ୟାଙ୍କନ କରାଯାଇ ପାରିବ ନାହିଁ। ଏସବୁ ଅମୂଲ୍ୟ ସମ୍ପଦ, ଆକଳନ ବିହିନ। ଏସବୁକୁ ଆକଳନ କରିବା ମହିଳାଙ୍କ ପ୍ରତି ଅପମାନ ସଦୃଶ। ମହିଳାମାନେ ଗୃହର ମେରୁଦଣ୍ଡ, ଶ୍ରମିକ ନୁହେଁ । ହଁ ବର୍ତ୍ତମାନ ସମୟକୁ ଆଖି ଆଗରେ ରଖି ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ସମାନ ଅଧିକାର ଦେଇ ସୁଦୃଢ ତଥା ସମ୍ମାନିତ କରିବା ବିଧେୟ। ସେମିତିବି ନାରୀଟିଏ ପ୍ରକୃତିଦତ୍ତ ସ୍ନେହୀ। ସ୍ନେହ, ସମ୍ମାନ ଓ ଆଦରର ରଙ୍କୁଣି। ବହୁ କ୍ଷେତ୍ରରେ ଦେଖାଯାଇଛି ସ୍ୱାମୀ ଜଣକ ତା'ର ମାସର ଦରମା ଆଣି ସ୍ତ୍ରୀକୁ ହିଁ ଦେଇଥାଏ ଘର ଚଳାଇବା ପାଇଁ। ମହିଳାମାନେ ମଧ୍ୟ ଘର ଚଳାଇବାରେ ସିଦ୍ଧହସ୍ତ ଓ ସଞ୍ଚୟ କରିବାରେ ମଧ୍ୟ, ଏହା ସେମାନେ ୨୦୧୬ମସିହା ସମୟରେ ବିମୁଦ୍ରିକରଣ ବେଳେ ପ୍ରମାଣିତ କରିସାରିଛନ୍ତି । ତେଣୁ ସେମାନେ ବେତନ ନୁହେଁ ବୋନସର ହକଦାର। ଏ ସବୁତ ମୁଦ୍ରାର ଗୋଟିଏ ପାର୍ଶ୍ୱ। ମୁଦ୍ରାର ଅନ୍ୟ ପାର୍ଶ୍ୱଟି ମଧ୍ୟ ଆଲୋଚନା ସାପେକ୍ଷ।

ନିଉଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଥିବା ଆର୍ଡର୍ନ ଜେସିଣ୍ଡା ନିଜ ପରିବାରକୁ ସମୟ ଦେଇ ନ ପାରିବାରୁ ନିଜ ପଦବିରୁ ଇସ୍ତଫା ଘୋଷଣା କଲେ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ନିଜ କନ୍ୟାକୁ କୋଳରେ ଧରି ଭାଷଣ ଦେଉଥିଲେ। ସେହିପରି ମେଟା କମ୍ପାନୀ ସିଇଓ ସେରିଲ୍ ସାଣ୍ଡବର୍ଗ ଓ ଏବର୍ଷ ୟୁଟ୍ୟୁବ ସିଇଓ ସୁମନ ଉଜମିକ ମଧ୍ୟ ଇସ୍ତଫା ଦେଇଛନ୍ତି ସମାନ କାରଣ ଦର୍ଶାଇ। ଏ ସବୁରୁ ଏହା ପ୍ରତୀୟମାନ ହେଉଛି ଯେ କେବଳ ଜଣେ ଗୃହିଣୀ ନୁହେଁ ଜଣେ କର୍ମଜୀବୀ ମହିଳାର ମଧ୍ୟ ତା ଗୃହକର୍ମ ପ୍ରତି ଅବଦାନ ଅତୁଳନୀୟ। ଗୃହକର୍ମ ଓ ସନ୍ତାନର ଲାଳନ ପାଳନ ପାଇଁ ଜଣେ ନାରୀ ଉଚ୍ଚ ପଦବୀକୁ ମଧ୍ୟ ତ୍ୟାଗ କରିପାରୁଛି। ଆମେରିକାରେ ଏକ ସର୍ଭେରେ ଦର୍ଶାଯାଇଛି ଯେ ମହିଳାମାନଙ୍କ ନିଯୁକ୍ତି ହୀନତା ପୁରୁଷଙ୍କଠାରୁ ତିନି ପ୍ରତିଶତ ଅଧିକ। ଏହା ଅନ୍ୟ ରାଷ୍ଟ୍ର ଗୁଡିକରେ ଯଥେଷ୍ଟ ଅଧିକ। ତେଣୁ ମହିଳାମାନେ ଯାହା ଗୃହ ପାଇଁ କରନ୍ତି ତାହା ଜଣାପଡେ ନାହିଁ, କିନ୍ତୁ ତା'ର ପ୍ରକୃତ ଅର୍ଥିକ ମୂଲ୍ୟ ଯଥେଷ୍ଟ ଅଧିକ। କିନ୍ତୁ ମହିଳାମାନେ ଏହା କରନ୍ତି ବିନା ମୂଲ୍ୟରେ। ୨୦୧୯ରେ ଏକ ବିଶ୍ୱସ୍ତରୀୟ ସର୍ଭେର ତଥ୍ୟ ହେଲା, ମହିଳାମାନେ ସମଗ୍ର ବିଶ୍ୱରେ ନିଜ ପରିବାର ପାଇଁ କରୁଥିବା ପରିଶ୍ରମର ଆର୍ଥିକ ମୂଲ୍ୟ ୧୧ ଟ୍ରିଲିଅନ ଡଲାରରୁ ଅଧିକ, ଯାହା ବିଶ୍ୱର ୫୦ଟି ବିଶାଳ କମ୍ପାନୀର ରୋଜଗାରକୁ ମିଶାଇଲେ ବି ତାଠାରୁ ଅଧିକ ହେବ। ଉପରୋକ୍ତ ତଥ୍ୟ ଗୁଡ଼ିକ ମହିଳାମାନଙ୍କର ଅବଦାନର ସମ୍ୟକ ସୂଚନା।

ଗୃହିଣୀମାନଙ୍କୁ ବେତନ ଦେବା କଥା ଶୁଣିବାକୁ ଟିକେ ଅଖାଡୁଆ ଲାଗୁଥିଲେ ମଧ୍ୟ ବର୍ତ୍ତମାନ ସମୟରେ ଏହାର ଗୁରୁତ୍ୱକୁ ଅଣଦେଖା କରିହେବ ନାହିଁ। ଏହା କେବଳ ଆଲୋଚନା ମାଧ୍ୟମରେ ସିମିତ ହୋଇ ରହିଅଛି। ନେସନାଲ ହାଉସ ୱାଇଫ ଆସୋସିଏସନ୍ ୨୦୧୦ ମସିହାରେ ଗୃହିଣୀ ମାନଙ୍କୁ ଟ୍ରେଡଇଉନିୟନରେ ସାମିଲ କରି ବେତନ ଦେବାପାଇଁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହା ଅଗ୍ରାହ୍ୟ ହୋଇଯାଇଥିଲା। ୨୦୧୨ମସିହାରେ ମହିଳା ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ କ୍ରିଷ୍ଣା ତିରଥ ଗୃହିଣୀ ମାନଙ୍କୁ ଦରମା ଦେବାକୁ ପ୍ରସ୍ତାବ ଦେଇଥିଲେ, (ସ୍ୱାମୀମାନେ ତାଙ୍କ ଦରମାରୁ ସ୍ତ୍ରୀ ମାନଙ୍କୁ ଦରମା ଦେବେ) କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା। ୨୦୨୧ରେ ତାମିଲନାଡୁରେ କମଲହାସନଙ୍କ ରାଜନୈତିକ ଦଳ ମକଲ ନିଧି ମୟମ ତାଙ୍କର ନିର୍ବାଚନୀ ଇସ୍ତାହାରରେ ଗୃହିଣୀମାନଙ୍କୁ ଦରମା ଦେବାପାଇଁ ଘୋଷଣା କରିଥିଲେ, କିନ୍ତୁ ଦଳ ହାରିଯିବା ଯୋଗୁଁ ଏହା ମଧ୍ୟ ଶୀତଳ ଭଣ୍ଡାରରେ ରହିଯାଇଛି।

ସମାଜ ଗଠନରେ ଗୃହିଣୀର ଭୂମିକା ଅବଦାନ ଅତୁଳନୀୟ, କିନ୍ତୁ ଏହି ସମାଜରେ ତଥା ସାମାଜିକ ଜୀବନରେ ଦୈନନ୍ଦିନ ଗୃହିଣୀଟି ଅସଂଖ୍ୟ ଘାତ ପ୍ରତିଘାତର ସମ୍ମୁଖିନ ହୁଏ। ଗୃହିଣୀମାନଙ୍କୁ କ୍ଷମତା ସମ୍ପନ୍ନ କରିବାର ଚୁକ୍ତି ପତ୍ରକୁ କାର୍ଯ୍ୟକାରୀ କରିବା, ଅଧିକାର ପ୍ରଦାନ କରିବା, ସ୍ତ୍ରୀ ଧନ ଉପରେ ସେମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା, ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ସମ୍ପତ୍ତି ଉପରେ ଅଧିକାର, ଛାଡ଼ପତ୍ର ଓ ଘରୋଇ ହିଂସା କ୍ଷେତ୍ରରେ କ୍ଷତିପୂରଣ,ବାହାରେ କାମ କରିବାର ସୁଯୋଗ, ନିଷ୍ପତ୍ତି ବା ସିଦ୍ଧାନ୍ତ ନେବାରେ କ୍ଷମତା ଗୁଡିକ ବେସି ଆବଶ୍ୟକ। ତେଣୁ :- ସସମ୍ମାନେ ଦିଅ ତାକୁ ଆସନ ତା ନାରୀତ୍ୱର ଅସ୍ମିତାକୁ ଚିହ୍ନି।

+ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୯ ॥

ମହାକାଶରେ ଏହି ସମସ୍ତ କ୍ରିୟା ପ୍ରାୟ ଆଠଶହ ଚଉଷଠି କୋଟିରୁ ଚାରିଶହ ବତିଶ କୋଟି ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହୋଇଗଲା..... ...।

ବୈଜ୍ଞାନିକ ମାନଙ୍କ ମତରେ ବର୍ତ୍ତମାନଠାରୁ ପ୍ରାୟ ଚାରିଶହ ପଚାଶ କୋଟିବର୍ଷ ପୂର୍ବେ ପୃଥିବୀର ସୃଷ୍ଟି ହୋଇଥିଲା।

ସେହି ସୁବର୍ଣ୍ଣ ଅଣ୍ଡ ଫାଟିବା ସହିତ, ପଞ୍ଚ ଭୂତରେ ଏକାକର ସ୍ୱୟଂଭୂ ବ୍ରହ୍ମା ମଧ୍ୟ ଏକ ଉଜ୍ଜ୍ୱଳ ପିଣ୍ଡ ରୂପେ ତାହା ମଧ୍ୟରୁ ବାହାରି ଆସିଲେ । ଏହି ବିଶାଳ କାୟ ପିଣ୍ଡର ନାମ ଥିଲା ପ୍ରଜାପତି, ଯାହାଙ୍କଠାରୁ ବିଭିନ୍ନ କଳ୍ପ, ଲୋକ ଏବଂ ନକ୍ଷତ୍ର ଗ୍ରହ ଓ ଉପଗ୍ରହମାନ ସୃଷ୍ଟି ହେଲା। ଏହି ପ୍ରଜାପତି ଗ୍ରହ ମଧ୍ୟରେ ସୂକ୍ଷ୍ମ ରୂପରେ ରହିଥିଲେ ଅନନ୍ତ ବିଶ୍ୱର କୋଟି, କୋଟି ପ୍ରକାର ପ୍ରାଣୀ ମାନଙ୍କର ସ୍ୱରୂପ। ସେହି ସ୍ୱୟଂଭୂ ପୁରୁଷଙ୍କର ଥିଲା କୋଟି, କୋଟି ଚକ୍ଷୁ, ହସ୍ତ, ଅଂଘ୍ରୀ ଓ ମସ୍ତକ!!

ପୃଥିବୀ ସୃଷ୍ଟି ହେବାର ପ୍ରାୟ ଛତିଶ କୋଟି ବର୍ଷ ପରେ।

ବର୍ତ୍ତମାନଠାରୁ ପ୍ରାୟ ଚାଳିଶ କୋଟି ବର୍ଷ ପୂର୍ବେ।

ପୃଥିବୀ ସହିତ ଜିଆ ନାମକ ଏକ ଉଲ୍କା ପିଣ୍ଡର ଧକ୍କା ହେଲା ଓ ପୃଥିବୀର ଗୋଟିଏ ଅଂଶ ସହ ମିଶ୍ରିତ ହୋଇ ଏହା ପୃଥିବୀର ଚତୁଃ ପାର୍ଶ୍ୱରେ ଏକ ବଳୟ ପରି ଘୁରି ବୁଲିଲା ଏବଂ ସେଥିରୁ ତାଙ୍କର ଭ୍ରାତା ଚନ୍ଦ୍ରଙ୍କର ସୃଷ୍ଟି ହେଲା।

କହିବା ବାହୁଲ୍ୟ ଯେ, ସେହି ପ୍ରଥମେ ସୃଷ୍ଟି ହୋଇଥିବା ଚାରୋଟି ତାରକାଥିଲେ ସନକ, ସନତ, ସନନ୍ଦ ଓ ସନାତନ। ଦ୍ୱିତୀୟତଃ ଉତ୍ତର ଆକାଶରେ ନାଭିକେନ୍ଦ୍ର ରୂପେ ସୃଷ୍ଟ ମେରୁ ତାରକାଟି ଉଜ୍ଜ୍ୱଳ ଧ୍ରୁବ ତାରା। ତାକୁ କେନ୍ଦ୍ର କରି ସପ୍ତର୍ଷି ମଣ୍ଡଳରେ ଘୁରୁଥିବା ତାରାମାନେ ହେଲେ କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି ଅଙ୍ଗିରା, ବଶିଷ୍ଠ ଓ ମରୀଚି । ତାଙ୍କ ନିକଟରେ ଥିଲେ ତାରକା ଭୃଗୁ, ନାରଦ ଓ ଦକ୍ଷ। ପୁଣି ବିସ୍ଫୋରିତ ହୋଇଥିବା ନକ୍ଷତ୍ର ଦ୍ୱୟ ଥିଲା ମରୀଚି ଓ କଳା ଏବଂ ସେମାନଙ୍କଠାରୁ କଶ୍ୟପ ଓ ପୂର୍ଣ୍ଣିମାଙ୍କର ସୃଷ୍ଟି ହେଲା।

କଶ୍ୟପଙ୍କଠାରେ ସମ୍ପୂର୍ଣ୍ଣ ସୃଷ୍ଟି କରିବାର ଗୁଣ ପରିପୂର୍ଣ୍ଣ ଥିଲା। ଦକ୍ଷ ଓ ଅସ୍ନିକୀଙ୍କଠାରୁ ସୃଷ୍ଟି ହୋଇଥିବା ଷାଠିଏ ଜଣ ତାରକାଙ୍କ ମଧ୍ୟରୁ ଅଦିତି, ଦିତି, ଦନୁ, କାଷ୍ଠା, ସୁରସା, ତମରା, ଅରିଷ୍ଟା, ସୁରଭି, ଇଳା, ମୁନୀ, ସୁରମା, କ୍ରୋଧବଶା ଓ ବ୍ରହ୍ମାଙ୍କଠାରୁ ସୃଷ୍ଟି ହୋଇ ବିସ୍ଫୋରିତ ହୋଇ ନଥିବା କାଳକା ଓ ଅରିଷ୍ଟା ମଧ୍ୟ କଶ୍ୟପଙ୍କ ନିକଟରେ ଥିଲେ । ପୁଣି ଦକ୍ଷ ଓ ପ୍ରସୂତିଙ୍କ ମିଳିତ ବିସ୍ଫୋରଣରୁ ସୃଷ୍ଟ ଷୋହଳଟି ତାରକା ମଧ୍ୟରୁ ତେରଟି ଧର୍ମ ବା ଯମଙ୍କ ସହ, ଅଗ୍ନି କୋଣରେ ଏକ, ପିତୃ କୋଣରେ ଏକ ଓ ଶିବଙ୍କ ସ୍ଥାନର ସତୀ ନାମରେ ଏକ ତାରକା ଥିଲେ। ଦକ୍ଷ ଓ ଅସ୍ନିକୀଙ୍କଠାରୁ ସୃଷ୍ଟି ହୋଇଥିବା ଅଦିତି, କଶ୍ୟପଙ୍କ ପ୍ରତି ଆକର୍ଷିତ ହୋଇ ବିସ୍ଫୋରିତ ହେବାରୁ ସେଥିରୁ ଅର୍ଯ୍ୟମା, ପୁଷା, ବିବସ୍ୱାନ, ତ୍ୱଷ୍ଟା, ସବିତା, ଉରୁକ୍ରମ, ବରୁଣ, ଧାତା, ଭଗ,ମିତ୍ର ନାମରେ ଦଶଜଣ ସୂର୍ଯ୍ୟ ସୃଷ୍ଟି ହେଲେ।

ଅଦିତି....

ଅଦିତି ଥିଲେ ମହାକାଶ ମଧ୍ୟରେ ଏକ ବିଶାଳ କାୟା, ଜ୍ୟୋତିର୍ମୟୀ ନକ୍ଷତ୍ର। ଅନେକ ସୂର୍ଯ୍ୟ ପ୍ରଭ ନକ୍ଷତ୍ରମାନଙ୍କର ପ୍ରଭାରେ ସେ ଥିଲେ ପ୍ରଭାମୟୀ । ତେଣୁ, ସ୍ୱୟଂଭୂ ବ୍ରହ୍ମା ତଥା ପରବର୍ତ୍ତୀ ଆର୍ଯ୍ୟ ଋଷି ମାନେ ତାଙ୍କର ନାମ କରଣ କରି ଥିଲେ, ଅଦିତି ବା ' ଆକାଶର ଜ୍ୟୋତି।'

ତାଙ୍କଠାରୁ ଦଶଟି ସୂର୍ଯ୍ୟ ସୃଷ୍ଟି ହୋଇ ସମଗ୍ର ସୌରମଣ୍ଡଳକୁ ଆଲୋକିତ କରିଦେଲେ। ସମୟ କ୍ରମେ ସୂର୍ଯ୍ୟଙ୍କଠାରୁ ଅଷ୍ଟ ଗ୍ରହ, ଉପଗ୍ରହ ଓବାମନ ଗ୍ରହ ମାନେ ସୃଷ୍ଟି ହେଲେ ।

ଚନ୍ଦ୍ରଙ୍କର ଗତି ପଥରେ ଥିବା ସତେଇଶ ଜଣ ନକ୍ଷତ୍ର ହେଲେ ଆଦ୍ରା , ମୂଳା, ଧନିଷ୍ଠା, ପୁନର୍ବସୁ, ପୁଷ୍ୟା, ଶତଭିଷା , ମଘା, ଚିତ୍ରା , ଅଶ୍ଳେଷା , ଶ୍ରବଣା, ବିଶାଖା , ଉତ୍ତରାଷାଢା, ପୂର୍ବା ଷାଢା, ଉତ୍ତରା ଫାଲ୍ଗୁନୀ , କୃତ୍ତିକା, ମୃଗଶିରା ଇତ୍ୟାଦି। ତନ୍ମଧ୍ୟରୁ ଧର୍ମଙ୍କ ନିକଟରେ ଦଶ, ତାକ୍ଷ କଶ୍ୟପଙ୍କ ନିକଟରେ ଚାରି, ଭୂତ, ଅଙ୍ଗିରା, କୃଶାଶ୍ୱଙ୍କ ନିକଟନିରେ ଦୁଇ ଦୁଇ କରି ଛଟି ତାରା, ଅତ୍ରିଙ୍କ ନିକଟରେ ଅନୁସୂୟା , ବଶିଷ୍ଠଙ୍କ ନିକଟରେ ଅରୁନ୍ଧତୀ, ପୌଲସ୍ତ୍ୟଙ୍କ ନିକଟରେ ହବି, ପୁଲହଙ୍କ ନିକଟରେ ଗତି ଓ ଭୃଗୁଙ୍କ ନିକଟରେ ଖ୍ୟାତି ରହିଲେ।(କ୍ରମଶଃ...)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ସର୍ବଶ୍ରେଷ୍ଠ ବିଜେତା କିଏ ?

## ସମ୍ପର୍କର ରଙ୍ଗ




ନିଜ ସାଧନା, କର୍ତ୍ତବ୍ୟ ଓ ଦାୟୀତ୍ୱ ଅପେକ୍ଷା ଆଜିକାଲି ଆମେ ଅନ୍ୟମାନଙ୍କ ଉପରେ ଅଧିକ ନଜର ରଖୁଛେ।କିଏ କେତେ ଉପରକୁ ଉଠିଲା, କେଉଁଠି କେଉଁ ପୁରସ୍କାର ପାଇଲା ସେ ବିଷୟରେ ଖୁବ୍ ଆଲୋଚନା ହୋଇଥାଏ। ସେ କାହାକୁ ଧରାଧରି କରିଥିବ, ତା'ଠୁ କେତେ ଟ୍ୟାଲେଣ୍ଟେଡ ପ୍ରତିଯୋଗୀ ଅଛନ୍ତି, ଲବି ହେଇଥିବ, ତାକୁ କିଏ ବା ଜାଣେ! ଏତେ ବଡ ପୁରସ୍କାର ସେ କେମିତି ପାଇଲା? ଟଙ୍କା ପଇସା ଲାଞ୍ଚ ଦେଇଥିବ,କାହା ସୁପାରିଶରେ ପାଇଥିବ ଇତ୍ୟାଦି ଗୁଡ଼ାଏ କଥା ସବୁଆଡେ ଆଲୋଚନା ହୋଇଥାଏ। କେତେଜଣ ନିଜର ଆକ୍ରୋଶକୁ ସମାଜିକ ଗଣମାଧମରେ ଲେଖି, ଭିଡିଓ କରି ପ୍ରକାଶ କରିଥାନ୍ତି, କେତେଜଣ ନିଜକୁ କିମ୍ବା ନିଜ ପ୍ରିୟ ଲୋକଙ୍କୁ ପୁରସ୍କାର ନ ମିଳିବା ଯୋଗୁଁ ଅଭିମାନ ପ୍ରକାଶ କରି କିଛି କହିଥାନ୍ତି। ଏହା ମଧ୍ୟ ସତ ଯେ ଆଜିକାଲି ଯୋଗ୍ୟତା ଅପେକ୍ଷା ମୁହଁ ଚିହ୍ନା, ପ୍ରତିଷ୍ଠିତ ଏବଂ ଲବିକାରମାନଙ୍କ ସବୁଠି ଜୟ ହେଉଛି। କିନ୍ତୁ କଣ କରାଯିବ! ସବୁଠି ଆଗେଇ ଯିବାର ଦୌଡ ଲାଗିଛି। ଅନ୍ୟକୁ ପ୍ରୋତ୍ସାହନ ଦେବା ବଦଳରେ ଠେଲି ପେଲି ନିଜେ ଆଗକୁ ଯାଇ ଆତ୍ମଘୋଷିତ ରାଜା ହେବାର ଅଛି। ପ୍ରକୃତ ଜ୍ଞାନ, ଗୁଣ, ସେବା, ସାମର୍ଥ୍ୟ, ମାନବିକତା ମଲେ ମରୁ, ଖଣ୍ଡେ ପ୍ରଶଂସା ପତ୍ର ଭିତରେ ଆମେ ଜୀବନର ସର୍ବଶ୍ରେଷ୍ଠ ସାମର୍ଥ୍ୟକୁ ଆକଳନ କରୁଛନ୍ତି।

ଜୀବନ ବାସ୍ତବରେ କଣ! ପ୍ରଶଂସାପତ୍ର ଟଙ୍ଗା ଯାଇଥବା କାନ୍ଥରେ ଆମ ମାଳ ଚଢ଼ା ଫଟୋଟିଏ କେତେବେଳେ ଟଙ୍ଗା ହୋଇଯିବ,ଏକଥା ଆମେ ନିଜେ ବି ଜାଣି ନାହାନ୍ତି। ଆମର ବାସ୍ତବ ଯୋଗ୍ୟତା(କର୍ମ) କେବଳ କପାଳରେ ନେଇକି ଯିବା। ଆମେ ପୃଥିବୀରେ ଜନ୍ମ ନେଇଛେ ଯେତେବେଳେ ମାନବୀୟ କର୍ମ ଓ ପରିଶ୍ରମର ଫଳ ତ ଆଶା କରିବା ନିଶ୍ଚୟ, କିନ୍ତୁ ଆଶା କେବେ ମହତ୍ତ୍ୱାକାଂକ୍ଷା ପାଲଟି ନଯାଉ, ଜିଦ୍ ପାଲଟି ନଯାଉ, ଏହା ଆମ ବିଚାରକୁ ପ୍ରଭାବିତ ନକରୁ, ଆମର ମୌଳିକ ଗୁଣର ହତ୍ୟା ନକରୁ। କିଏ ଆଗେଇ ଗଲା, ଜିତି ଗଲା, ପୁରସ୍କୃତ ହେଲା, ସମ୍ମାନିତ ହେଲା, ଏହା ତାର କୌଶଳ ହୋଇପାରେ କିମ୍ବା ପ୍ରାରବ୍ଧ ହୋଇପାରେ, ଏହା ତାର କର୍ମ। ଆମେ ତାକୁ ଶୁଭେଚ୍ଛା ଜଣାଇ ପାରନ୍ତି ଅବା ମୌନ ରହିପାରନ୍ତି, ହେଲେ କାହା ବିଷୟରେ ଅପଶବ୍ଦ କହି, ତାଚ୍ଛଲ୍ୟ କରି ଆମକୁ କିଛି ପ୍ରାପ୍ତ ହେବନାହିଁ। ଅନ୍ୟାୟକୁ ଶାନ୍ତିରେ ବି ପ୍ରତିରୋଧ କରାଯାଇପାରେ, ଗାଳି ଗୁଲଜ, ଆକ୍ଷେପ, ଆରୋପ କରି ଆମେ ନ୍ୟାୟ ତ ପାଇ ପାରନ୍ତିନି ବରଂ ନିଜର ସ୍ୱଭାବ ଖରାପ କରିବା ସହିତ ଅନେକଙ୍କ ଶତ୍ରୁ ହୋଇ ଯାଆନ୍ତି।

ଅନ୍ୟମାନଙ୍କ ବିଷୟରେ ଚିନ୍ତା କରି ନିଜର ସମୟ ବରବାଦ କରିବା ଅପେକ୍ଷା ନିଜ କର୍ମ, ପ୍ରୟାସ ଓ ସାଧନାରେ ଲିପ୍ତ ରହିଲେ ଆମକୁ ପ୍ରଶଂସାପତ୍ର ମିଳୁ କି ନମିଳୁ ଆମ ବିଚାର କଳୁଷିତ ହେବନାହିଁ, ମନ ଅସ୍ଥିର ହେବନାହିଁ। ଆମର ପ୍ରତିରୋଧକୁ କେହି ଈର୍ଷା ବି ଭାବିନେଇ ପାରନ୍ତି, ତେଣୁ କଣ ଦରକାର କାହାକୁ ସମାଲୋଚନା କରି ନିଜକୁ ଅପମାନିତ କରିବା। କୋଇଲା ଭିତରେ ରହିଲେ ବି ହୀରା ତାର ଚମକ ହରାଏ ନାହିଁ, ସେମିତି ଆମ ଜ୍ଞାନ, ଗୁଣ, ବୁଦ୍ଧି ଯେତେ ଆଢୁଆଳରେ ରହିଲେ ବି ତାର ଚମକ ନିଶ୍ଚୟ ଆମ ଜୀବନକୁ ଆଲୋକିତ କରିବ ଏବଂ ଇଶ୍ୱରଙ୍କ ଆଶୀର୍ବାଦ ସହିତ। ସୁନ୍ଦର ହୃଦୟ, ସଦାଚାର କର୍ମ ପାଇଁ ଯେତେବେଳେ ଆମ ବିବେକ ଆମକୁ ପ୍ରଶଂସା କରିବ, ଆମେ ନିଜକୁ ସର୍ବଶ୍ରେଷ୍ଠ ବିଜେତା ଘୋଷଣା କରିପାରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆଜିର କବିତା



## କାଳିଆ ସୁନା

### ଝରଣା ବାରିକ

ଅଭାବ ସଂସାର ଚାଲୁଛି କାଳିଆ
ତୋତେ ହିଁ ଭରସା କରି,
ତେଲ ଲୁଣର ସଂସାର ଭିତରେ
ତୋର ନାମ ତୁଣ୍ଡେ ଧରି।

ଭାବର ନଈରେ ପହଁରୁଛୁ ତୁହି
ନଈ ସୁଏ ମୁହିଁ ଭାସେ,
ତୋ ରଙ୍ଗ ଅଧର ଦେଖିଲେ କାଳିଆ
କେବେ କାନ୍ଦେ କେବେ ହସେ।

ତୁହି ଖୋଜୁ ସିନା ଖୁଦ ଭଜା ଟିକେ
ଅଭଡା ମିଳେ ତୋ ପାଶେ,
ବାସି ପଖାଳକୁ ଶାଗ ଭଜା ମୋର
ଅମୃତ ମଣୋହି ବାସେ।

ତୋ ଛପନ ଭୋଗ ଷାଠିଏ ପଉଟି
ଖାଇ ଖାଇ ସରେ ନାହିଁ,
ମୋ ଝୁଲା ମୁଣିରେ ରାସନ୍ ଚାଉଳ
ମାସେ ଜମା ଯାଏ ନାହିଁ ।

ରତ୍ନ ଖଟେ ଶୋଇ ହାଇ ମାରୁ ତୁହି
ଅଚିନ୍ତାରେ ଶୋଉ କେତେ,
କାଲିର ଚିନ୍ତାରେ ରାତି କଟେ ମୋର
ନିଦ ଆସେ ନାହିଁ ମୋତେ।

ତଥାପି ତୋ ନାମ ତୁଣ୍ଡେ ଅଛି ମୋର
ଜୀବନ ମୋ ଯାଉ ଚାଲି,
ଅଭାବରେ ଡାକେ କାଳିଆ ସୁନାରେ
ଡାକୁ ଥିବା ପୁଣି କାଲି।

ସମଲ, ତାଳଚେର, ଅନୁଗୋଳ

# ବିକାଶ ନାଁରେ ବିନାଶ : ସ୍ଲୋଗାନ୍‌ରେ ସୀମିତ 'ଜଙ୍ଗଲ ସୁରକ୍ଷା, ଆମର ଦୀକ୍ଷା'



ପାତ୍ରପୁର, ୨୭/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍‌ର ସାମନ୍ତିଆପଲ୍ଲୀ ବନାଞ୍ଚଳ। ଦିନ ଥିଲା ଏହି ବନାଞ୍ଚଳ ପାହାଡ଼ ଓ ସବୁଜିମା ପରିବେଶରେ ଭରପୁର ହୋଇଥିବା ବେଳେ ମନଲୋଭା ପଶୁପକ୍ଷୀଙ୍କ ଗତିବିଧିରେ ଚଳଚଞ୍ଚଳ ହୋଇ ଉଠୁଥିଲା। କେବଳ ଏତିକି ନୁହେଁ, ଏହି ବନାଞ୍ଚଳ ଆଦିବାସୀମାନଙ୍କ ଜୀବନରେଖା ପାଲଟିଥିଲା। ସେମାନେ ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ପରେ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ। ତେବେ ଗତ କିଛିବର୍ଷ ମଧ୍ୟରେ ଏହି ବନାଞ୍ଚଳର ସବୁଜିମା ପରିବେଶ ଓ ଜଙ୍ଗଲ ଅବକ୍ଷୟମୁହାଁ ହେବାରେ ଲାଗିଛି। ଆଦିବାସୀମାନଙ୍କ ବିକାଶକୁ ଦ୍ୱାହି ଦେଇ ଜଙ୍ଗଲକୁ ନଷ୍ଟ କରାଯାଉଛି। ବିକାଶ ନାମରେ ବିନାଶକୁ ପ୍ରୋତ୍ସାହନ ଦିଆଯାଉଛି। ଏହାସହ ଆଦିବାସୀଙ୍କ ଜୀବନଜୀବିକା ମଧ୍ୟ ସଂପ୍ରତି ସଙ୍କଟରେ ପଡ଼ିଛି।

ପାତ୍ରପୁର ବ୍ଲକ୍‌ର ଆଦିବାସୀବହୁଳ ପଞ୍ଚାୟତର ଅଧିକାଂଶ ଗ୍ରାମ ପାହାଡ଼ ଉପରେ ରହିଛି। ନାକେଇ, ରକ୍ଷିମାଳ, ତାଳଗୁଡ଼ି, ସିଂହରାଜ, କେରାଣ୍ଡିମାଳ, ମୟୁରଞ୍ଜା, ବୁଢ଼ାରସିଙ୍ଗି, ବେଙ୍ଗେଇସାହି, ଦୁତିୟାସାହି, ରିପୁର, ଝଗଡ଼ାପଲ୍ଲୀ ଓ ଷଣ୍ଢଭୂଜ ନାମରେ ଅନେକ ଛୋଟବଡ଼ ଅନେକ ଜଙ୍ଗଲ ଓ ପାହାଡ଼ ରହିଛି। କିନ୍ତୁ ବର୍ତ୍ତମାନ ସରକାର ଓ ପ୍ରଶାସନ ଆଦିବାସୀଙ୍କ ଜୀବନଜୀବିକା ପ୍ରତି ଗୁରୁତ୍ୱ ନଦେଇ ପାହାଡ଼କୁ କାଟି ରାସ୍ତା ନିର୍ମାଣ କରୁଛନ୍ତି। ଏହାସହ ଅନେକ ମୂଲ୍ୟବାନ ଗଛ ମଧ୍ୟ ଅବାଧ ଭାବେ କଟାଯାଉଛି। ଗତ ଦୁଇ ଦଶନ୍ଧି ଧରି ଏହି ସ୍ଥିତି ଲାଗି ରହିଛି। କେବଳ ଏତିକି ନୁହେଁ, କିଛି ପାହାଡ଼ ଧ୍ୱଂସ ହୋଇ ତାହା ବର୍ତ୍ତମାନ ଇତିହାସ ପାଲଟିଛି। ସୀତାଦେଇ ପାହାଡ଼ ଏହାର ଜ୍ୱଳନ୍ତ ଉଦାହରଣ। ଏଭଳି ସ୍ଥିତି ଲାଗି ରହିଲେ, ଆଗାମୀ ୧୫ ବର୍ଷ ଭିତରେ ପାତ୍ରପୁର ବ୍ଲକ୍‌ର ସମସ୍ତ ଜଙ୍ଗଲ ଧ୍ୱସଂ ହୋଇଯିବା ଆଶଙ୍କା ଦେଖାଦେଇଛି।

ଅନ୍ୟପଟେ ଏହି ବନାଞ୍ଚଳ ଜାତୀୟ ପକ୍ଷୀ ମୟୂରଙ୍କ ପ୍ରମୁଖ ବିଚରଣସ୍ଥଳ ପାଲଟିଥିବା ସହ ଜଙ୍ଗଲର ଶୋଭା ବଢ଼ାଉଥିଲା। କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ମୟୂରଙ୍କ ସଂଖ୍ୟା ଚିନ୍ତାଜନକ ଭାବେ ହ୍ରାସ ପାଇଛି। ବନାଞ୍ଚଳର ବର୍ତ୍ତମାନର ଭୌଗୋଳିକ ସ୍ଥିତି ୨୨ ହଜାର ୫ ଶହ ୬୩ ହେକ୍ଟର୍ ରହିଥିବା ବେଳେ ୩୦ ବର୍ଷ ତଳେ ଏହା ଅଧିକ ଥିଲା। କିନ୍ତୁ ଜଙ୍ଗଲର ପରିସୀମା କମିବାରେ ଲାଗିଥିବାରୁ ପଶୁପକ୍ଷୀଙ୍କ ଜୀବନ ପ୍ରତି ସଂକଟ ଦେଖାଦେଇଛି।

ଫଳରେ ଜଙ୍ଗଲ ସୁରକ୍ଷା ପାଇଁ ପ୍ରଶାସନ ଓ ସରକାର ଯୁଦ୍ଧକାଳୀନ ଭିତ୍ତିରେ ତତ୍ପରତା ଦେଖାଇବାକୁ ସାଧାରଣରେ ଦାବି ହୋଇଛି। ଆଦିବାସୀମାନଙ୍କୁ ପାହାଡ଼ ଉପରୁ ଜଙ୍ଗଲ ତଳଭାଗକୁ ଆଣି ସେମାନଙ୍କୁ ଥଇଥାନ କରିବା ଜୀବନଜୀବିକା ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲେ ଜଙ୍ଗଲ ଧ୍ୱଂସମୁଖରୁ ବର୍ତ୍ତିଯାଇପାରିବ। କାରଣ ପାହାଡ଼ ତଳ ଇଲାକାରେ ଆଦିବାସୀଙ୍କ ଜନବସତି ଆରମ୍ଭ ହେଲେ ଗମନାଗମନଠୁ ଆରମ୍ଭ କରି ବିଦ୍ୟୁତ୍, ପିଇବାପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ସୁବିଧା ପାଇପାରିବେ। ଏହାସହ ପାହାଡ଼ ଓ ଜଙ୍ଗଲକୁ ସୁରକ୍ଷା ମିଳିପାରିବ। କିନ୍ତୁ ସରକାର ଆଦିବାସୀଙ୍କ ଜୀବନଜୀବିକା ଏବଂ ଥଇଥାନକୁ ଗୁରୁତ୍ୱ ନଦେଇ ବିକାଶ ଆଳରେ ପାହାଡ଼ ଓ ଜଙ୍ଗଲକୁ ନଷ୍ଟ କରୁଛନ୍ତି। ଦୁଇ, ଚାରି ଓ ଦଶ ଘର ବିଶିଷ୍ଟ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପାହାଡ଼କୁ କାଟି ସବୁଜିମା ପରିବେଶକୁ ନଷ୍ଟ କରାଯାଉଛି। ତିତ୍‌ଲି ବାତ୍ୟା ବେଳେ ପାତ୍ରପୁର ବ୍ଲକ୍ ବିଶେଷମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଅଧିକାଂଶ ଲୋକଙ୍କ ଘର ଉଜୁଡ଼ିଯାଇଥିବା ବେଳେ ୧୨ରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ବହୁ ଆଦିବାସୀ ପାହାଡ଼ ଛାଡ଼ି ତଳକୁ ଆସିବାକୁ ଇଚ୍ଛା ପ୍ରକଟ କରିଥିଲେ ହେଁ, ପ୍ରଶାସନ ସେମାନଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପ ନେଉନି। ଫଳରେ 'ଜଙ୍ଗଲ ସୁରକ୍ଷା, ଆମର ଦୀକ୍ଷା' ଅଭିଯାନ କେବଳ ସ୍ଲୋଗାନ୍‌ରେ ସୀମିତ ରହିଛି।

# ସୁବର୍ଣ୍ଣପୁରରେ ଯୁବ ଉତ୍ସବ : ଭାରତ ୨୦୪୭ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୮/୦୬ (ନି.ପ୍ର): ସୁବର୍ଣ୍ଣପୁର ନେହେରୁ ଯୁବ କେନ୍ଦ୍ର ସଂଗଠନ ତରଫରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ଯୁବ ସମାଜ ସକାରାତ୍ମକ ମାନସିକତାର ସହ ଆଗାମୀ ଆହ୍ୱାନକୁ ଗ୍ରହଣ ପୂର୍ବକ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ ବୋଲି ଅଭିହିତ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ ଏ.ଭି. ନରସିଂହା କୁମାରଟି ଉତ୍ସବ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ବକ୍ତା ଭାବେ ଡଃ ଜ୍ୟୋତି ରଂଜନ ବହିଦାର ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଯୁବ ସମାଜକୁ ସବୁ ସମୟରେ ସଠିକ ମାର୍ଗଦର୍ଶନ ଦେଇଥାଏ ବୋଲି ଉଲ୍ଲେଖ କରିଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଅତିଥି ପରିଚୟ, ସ୍ୱାଗତ ସଂଭାଷଣ ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀମାନଙ୍କୁ ମଂଚାସୀନ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ମହାନଦୀ ଧାରା, ସିଣ୍ଡୋଳ ଆଂଚଳିକ ମହାବିଦ୍ୟାଳୟ ଏବଂ କୋଶଲ ଉଚ୍ଚ ବିଦ୍ୟାଳୟ, କବିତା ଆବୃତ୍ତିରେ ରିତେଶ ପଣ୍ଡା, ଉତ୍କଳିକା ମିଶ୍ର, ଗୋବିନ୍ଦ ପଧାନ, ମୋବାଇଲ ଫଟୋଗ୍ରାଫିରେ ଦିବ୍ୟପ୍ରକାଶ ସାହୁ, ଦୀପେଶ ପଣ୍ଡା, ବିଶ୍ୱଜିତ ପାଢୀ, ଚିତ୍ରକଳାରେ ରୋହନ ମେହେର, ରାଜା ମେହେର, ସୁମନ୍ତ ସେଠୀ, ବକ୍ତୃତା ପ୍ରତିଯୋଗିତାରେ ଇପସିତ ପାଣିଗ୍ରାହୀ, ଅଭିଷେକ ନାଏକ, କରୁଣାକର ଖତିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ କୁମାର ସାହୁ, ଚୌଧୁରୀ ବିଭାର, ଡଃ ଜ୍ୟୋତି ରଂଜନ ବହିଦାର, ଶ୍ରୀଧର ବାଗ, ଡଃ ସୌରଭ ରଂଜନ ଖମାରୀ, ରଂଜିତା ପଣ୍ଡା, ଦୀନେଶ ରଂଜନ ମିଶ୍ର, ଜ୍ୟୋତିରାଦିତ୍ୟ ପାନାକୀ ପଣ୍ଡା, ଶ୍ୟାମ ସୁନ୍ଦର ମେହେର, ରଶ୍ମି ରଂଜନ ବିଶି ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ଏପିଏସ୍ ବିପିନ ବିହାରୀ ଜେନା ପୁରସ୍କାର ବିତରଣ ପର୍ବକୁ ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ସୋନପୁର ମିଲେଟ ମିସନ ଏବଂ ପ୍ରଥମ ଏଜୁକେସନ ଫାଉଣ୍ଡେସନ ତରଫରୁ ପ୍ରଦର୍ଶନୀ ଷ୍ଟଲ ଲଗାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର କୃପାସିନ୍ଧୁ ସା, ହୃଷିକେଶ ଦେହୁରୀ, ଧ୍ରୁବଲେଶ୍ୱର ଭୁକ୍ତା, ମନରଂଜନ ଜଗଦଲା, ସୁଦର୍ଶନ ଭରାସାଗର, ଅଜିତ ଭୋଇ, ଜଗତ ଖମାରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।

# ବିଦ୍ୟୁତ୍ ବଂଟନ ଅନିୟମିତତା ପାଇଁ କଂଗ୍ରେସର ବିକ୍ଷୋଭ

ବଲାଙ୍ଗୀର, ୨୮/୦୬ (ନି.ପ୍ର): ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜୁଳି ସେବା ପାଇବା ସାଧାରଣ ଜନତାଙ୍କ ଏକ ମୌଳିକ ଅଧିକାର ଭାବରେ ଗଣାଯାଉଛି। ତେଣୁ ଲୋକେ କମ୍ ମୂଲ୍ୟରେ ଯେମିତି ଅନବରତ ବିଜୁଳି ପାଇବେ ସେ ଦିଗରେ ରାଜ୍ୟ ସରକାର ଓ ଟାଟା ପାୱାର ତତ୍ପରତା ସହ କାମ କରିବା ଆବଶ୍ୟକ। କିନ୍ତୁ ଏଠି ଲୋକଙ୍କ ଠାରୁ ମାତ୍ରାଧିକ ଦେୟ ନିଆଯାଉଥିବା ବେଳେ ଅଘୋଷିତ ଘନ ଘନ ବିଦ୍ୟୁତ କାଟ କରି ଲୋକଙ୍କୁ ଜାଣି ଶୁଣି ହଇରାଣ କରାଯାଉଛି। ଯଦି ଏହି ସମସ୍ୟା ଆଗାମୀ ଦିନରେ ବଳବତର ରହେ ଜିଲ୍ଲା କଂଗ୍ରେସ କମିଟି ଏହି ଆନ୍ଦୋଳନକୁ ରାଜରାସ୍ତାକୁ ନେଇ ଆସିବ। ଏହି ଆନ୍ଦୋଳନରେ ସାଧାରଣ ବିଜୁଳି ଖାଉଟିଙ୍କୁ ସାମିଲ କରି ଦାବୀ ହାସଲ ପର୍ଯ୍ୟନ୍ତ ଜୋରଦାର ଲଢେଇ କରିବ ଆଜି ସ୍ଥାନୀୟ ଟାଟା ପାୱାର ଅଫିସ ପ୍ରାଙ୍ଗଣରେ ଜିଲ୍ଲା କଂଗ୍ରେସ କମିଟି ଦ୍ୱାରା ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଜିଲ୍ଲା କଂଗ୍ରେସ ଚେତାଇ ଦେଇଛି। ଜିଲ୍ଲା ସଭାପତି ଦିଲିପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ କଂଗ୍ରେସ ପକ୍ଷରୁ ଆହୁରି କୁହାଯାଇଛି ଯେ, ଟାଟା କଂପାନୀ ଦ୍ୱାରା ବିଦ୍ୟୁତ ବଂଟନରେ ଘୋର ଅନିୟମିତତା ଦେଖାଦେଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୃଷ୍ଠ ପୋଷକତାରେ ସାଧାରଣ ଜନତାଙ୍କ ଠୁ ଅତି ଉଚ୍ଚ ଦରରେ ବିଦ୍ୟୁତ ଦେୟ ସଂଗ୍ରହ କରାଯାଉଛି। ଏହା ସାଙ୍ଗକୁ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ତା'ସାଙ୍ଗକୁ ଅଘୋଷିତ ଘନ ଘନ ବିଜୁଳି କାଟ, ଲୋ ଭୋଲଟେଜ ଲୋକଙ୍କର ବିଜୁଳି ଜନିତ ସମସ୍ୟାକୁ ବହୁଗୁଣିତ କରୁଛି। କଂଗ୍ରେସ ସରକାର ଅମଳରେ ବିଦ୍ୟୁତ ଦେୟ ଯାହା ଥିବ ବର୍ତ୍ତମାନର ବିଜେଡି ସରକାର ସମୟରେ ତାହାର ବୃଦ୍ଧି ୨୨୫ ପ୍ରତିଶତ ପର୍ଯ୍ୟନ୍ତ ପହଂଚିଯାଇଛି। ଏଣୁ ଏଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ କଷ୍ଟ ଲବ୍ଧ ଧନକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଆପଣଙ୍କ କଂପାନୀ ଲୁଟି ନେଉଛନ୍ତି। ତେଣୁ ଟାଟା କଂପାନୀ ରାଜ୍ୟରେ ବିଦ୍ୟୁତ ଜନିତ ଭିତିଭୂମି ବିକାଶ କରିବା ସହିତ ଅଘୋଷିତ ବିଜୁଳି କାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରୁ ବୋଲି ଜିଲ୍ଲା କଂଗ୍ରେସ କମିଟି ଚେତାଇ ଦେଇଛି। ଏସଂକ୍ରାନ୍ତରେ ଏକ ଦାବୀପତ୍ର ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ସେଠଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ପ୍ରଭାରୀ ହରଦୀପ ସିଂ, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଜୁଲୁ ପଟ୍ଟନାୟକ, ଅଜୟ ବାଲୀ, ସଂଜୟ ମିଶ୍ର, ଉମାଶଙ୍କର ସାହୁ, ରାମପ୍ରସାଦ ମିଶ୍ର, ଅରବିନ୍ଦ ସାହୁ, ଅଙ୍କିତ ସାହୁ, ଲୋପନ ମିଶ୍ର, ବବିତା ସାହୁ, ସାଇନା ବେଗମ, ସମୀର କୁମ୍ଭାର, ଅକବର ଖାନ, ପବିତ୍ର ବେହେରା ବେଟୁନ ସ୍ୱାଇଁ, ଜୟନାରାୟଣ ବହିଦାର, ରାଜେଶ ହୋତା, ବିକି ପଣ୍ଡା, ଶିବୁ ପଟ୍ଟନାୟକ, ଗଦା ସୁନା, ଟିଟୁ ମହାନ୍ତି, ବର୍ଜ ସେଠୀ, ନାସିର ଖାନ, ଅଜିତ ମହାନନ୍ଦ, ଅଂଚଳ ପଣ୍ଡା, ଆଲୋକ ନାଏକ, ସୋନୁ ମନହୀରା, ସୁମିତ ବାଗ, ସୁଜିତ କୁମ୍ଭାର, ବିକ୍ରମ ପ୍ରଧାନ, ହିତେଶ ମୁଗ୍ରୀ, ଅମିତ ବାଗ, ଘୁଣ୍ଟୁ ଦାଶ ଓ ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସିଇଓ କନ୍‌କ୍ଲେଭ୍ ୨୦୨୩: ଏଆଇ ଚାକିରି ନେବନି, ମଣିଷକୁ ସାହାଯ୍ୟ କରିବ



ଭୁବନେଶ୍ୱର, ୨୭/୦୬ (ନି.ପ୍ର): ସାରା ଦୁନିଆରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ବ୍ୟାପକ ଚର୍ଚ୍ଚା ହେଉଛି। ବିଶେଷ କରି ଚାକିରି ଉପରେ ଏହାର ପ୍ରଭାବ ଆଲୋଚନାର ବିଷୟ ପାଲିଟିଛି। ତେବେ ସମ୍ବାଦ ସିଇଓ କନ୍‌କ୍ଲେଭ୍ ୨୦୨୩ରେ ଅନୁଷ୍ଠିତ ଏକ ପ୍ୟାନେଲ୍ ଆଲୋଚନାରେ ଯୋଗଦେଇଥିବା ବକ୍ତାମାନେ କହିଛନ୍ତି ଯେ ଏଆଇ ଚାକିରି ନେବନି, ତାହା ଲୋକମାନଙ୍କୁ ସାହାଯ୍ୟ କରିବ। 'ଉଦ୍ୟୋଗୀ ନେତୃବୃନ୍ଦଙ୍କ ଦ୍ୱାରା ପରିଚାଳିତ ଉଦୀୟମାନ ବ୍ୟବସାୟରେ ସାଧାରଣତଃ ସଫଳତା ଓ ବିଫଳତା ଦେଖିବାକୁ ମିଳିଥାଏ' ବିଷୟବସ୍ତୁ ଆଧାରିତ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରି ସିଏସ୍‌ଏମ୍ ଟେକ୍ନୋଲୋଜିସ୍‌ର ମୁଖ୍ୟ ଡିଜିଟାଲ୍ ଅଧିକାରୀ ନିଳାଦ୍ରୀ ତନୟ ସାମନ୍ତରାୟ ଏଆଇ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ୨୦୦୦ ମସିହା ଆରମ୍ଭପୂର୍ବରୁ କମ୍ପ୍ୟୁଟରକୁ ନେଇ ମଧ୍ୟ ଲୋକମାନଙ୍କ ମନରେ ଏଭଳି ଆଶଙ୍କା ସୃଷ୍ଟି ହୋଇଥିଲା। କମ୍ପ୍ୟୁଟର ଆସିଲେ ଲୋକମାନେ ଚାକିରି ହରାଇବେ ବୋଲି କୁହାଯାଇଥିଲା। କମ୍ପ୍ୟୁଟର କିନ୍ତୁ କୋଟି କୋଟି ଚାକିରି ସୃଷ୍ଟି କରିଥିଲା। ଏଆଇ କେତେକ ନିର୍ଦ୍ଦିଷ୍ଟ ଚାକିରି ନେଇପାରେ, କିନ୍ତୁ ବହୁ ନୂଆ ଚାକିରି ସୃଷ୍ଟି ମଧ୍ୟ କରିବ। ଏଆଇ ମଣିଷଙ୍କ ଚାକିରି ହେବନାହିଁ, ବରଂ କାର୍ଯ୍ୟ କରିବାରେ ସେମାନଙ୍କୁ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

କନକ ନିଉଜ୍‌ର ନିଉଜ୍ ପ୍ରଡ୍ୟୁସର ସ୍ୱସ୍ତିକା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରି ଏଆଇ ସମ୍ପର୍କରେ ଓରିଅସ୍ ଭେଞ୍ଚର୍ସର ମ୍ୟାନେଜିଂ ପାର୍ଟନର ରାଜୀବ ସୁରୀ କହିଛନ୍ତି ଯେ ଏଆଇ ପ୍ରଭାବରେ ମଝିରେ ରହୁଥିବା ବ୍ୟବସ୍ଥାର ଆବଶ୍ୟକତା ଦୂର ହୋଇଛି। ମେସିନ ମଣିଷକୁ ସିଧାସଳଖ ସରଳ ଭାଷାରେ ସବୁ କିଛି ବୁଝାଇପାରୁଛି। ଉଦାହରଣ ଦେଇ ସେ କହିଛନ୍ତି କୌଣସି ସଫ୍ଟୱେୟାରକୁ ବୁଝିବା ଲାଗି କୋଡିଂ ଜାଣିବା ସଫ୍ଟୱେର ଇଞ୍ଜିନିୟରଙ୍କୁ ଖୋଜାପଡୁଥିଲା। ମାତ୍ର ଏଆଇ ଆସିବା ପରେ ଲୋକମାନଙ୍କୁ ଆଉ ସେଭଳି ଲୋକଙ୍କୁ ଖୋଜିବାକୁ ପଡୁନାହିଁ। ତାହା ହିଁ ଏଆଇର ସବୁଠୁ ବଡ଼ ଶକ୍ତି ବୋଲି ସେ କହିଛନ୍ତି। କରୋନା ଓ ତା'ର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସେବା ଦୃଶ୍ୟପଟ୍ଟରେ ଘଟିଥିବା ପରିବର୍ତ୍ତନ ସମ୍ପର୍କରେ ମେଡ୍‌ଟେଲ୍ ହେଲ୍‌ଥକେୟାରର ବରିଷ୍ଠ ଭିପି ଓ ବିକ୍ରି ମୁଖ୍ୟ ପୂର୍ଣ୍ଣ ରାଓ କହିଛନ୍ତି ଯେ କରୋନା ଆମ ପାଇଁ ସୁଯୋଗ ସୃଷ୍ଟି କରିଥିଲା। ଟେଲି ପରାମର୍ଶ ଓ ଟେଲି ମେଡିସିନ୍‌ର ଗ୍ରହଣୀୟତା ବଢ଼ିଥିଲା। କରୋନା ପୂର୍ବରୁ କେହି ସ୍ୱାସ୍ଥ୍ୟର ନିୟମିତ ଯାଞ୍ଚ ବିଷୟରେ ଚିନ୍ତା ବି କରୁନଥିଲେ। ମାତ୍ର ଏହି ମହାମାରୀ ପରେ ସରକାରୀ ବ୍ୟବସ୍ଥାଠାରୁ ଆରମ୍ଭ କରି କର୍ପୋରେଟ୍ ଜଗତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସ୍ୱାସ୍ଥ୍ୟ ଯାଞ୍ଚକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଡିଜିଟାଲ୍‌ର ଶକ୍ତିକୁ ବ୍ୟବହାର କରି ସ୍ୱାସ୍ଥ୍ୟ ସେବାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଦ୍ୱାରା ଅଧିକରୁ ଅଧିକ ରୋଗୀ ଉପକୃତ ହୋଇପାରିଛନ୍ତି ବୋଲି ସେ କହିଛନ୍ତି। ବ୍ୟବସାୟରେ ପ୍ରତିଯୋଗିତା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଦାବିକ୍ ଫୁଡ୍ ଆଣ୍ଡ୍ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଡ. ଭାବନା ଗୁପ୍ତା କହିଛନ୍ତି ଯେ ପ୍ରତିଦ୍ୱନ୍ଦ୍ୱିତା ସବୁ କ୍ଷେତ୍ରରେ ରହିଛି। ପ୍ରତିଦ୍ୱନ୍ଦ୍ୱିତା ରହିବା ଭଲ, କାରଣ ନିଜ ଉତ୍ପାଦ କିମ୍ବା ସେବାରେ ଉନ୍ନତି ଆଣିବା ଲାଗି ତାହା ସୁଯୋଗ ସୃଷ୍ଟି କରେ। ପ୍ରତିଦ୍ୱନ୍ଦ୍ୱିତାରେ ଆଗରେ ରହିବାକୁ ହେଲେ ନିଜ ପ୍ରତିଦ୍ୱନ୍ଦ୍ୱୀମାନେ ଯେଉଁ ବିଷୟ ଉପରେ ଗୁରୁତ୍ୱ ଦେଇନାହାନ୍ତି, ସେଥିରେ ଆଗକୁ କାମ ଆରମ୍ଭ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ବ୍ୟବସାୟରେ ସଫଳତା ଓ ବିଫଳତା ଏବଂ ଚାପ ପରିଚାଳନା ସମ୍ପର୍କରେ ନୀଳାଦ୍ରୀ କହିଥିଲେ ଯେ ଲୋକମାନେ କେବଳ ସଫଳତା ପାଇଥିବା ଲୋକଙ୍କ ପ୍ରେରଣାଦାୟୀ କାହାଣୀ ଶୁଣନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୨୮/୦୬ (ନି.ପ୍ର): ଲଇକେରା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୪୫ଟି ଅଭିଯୋଗ ଶୁଣାଣି ହୋଇଛି। ଏଥି ମଧ୍ୟରୁ ୬ଟି ସାମୁହିକ ଓ ୩୯ଟି ବ୍ୟକ୍ତିଗତ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ପଂଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ କୁମାର ନାୟକ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଗୁଟ୍ଟା, ସହକାରୀ ଜିଲ୍ଲାପାଳ ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖଇରଡିହିରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ରାମଛିପିଡ଼ିହିରେ ସରକାରୀ ଜମି ଅବରୋଧ ପୂର୍ବକ ରାସ୍ତା ନିର୍ମାଣ ଆଦି ସାମୂହିକ ଅଭିଯୋଗ ଓ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ, କୃଷିଋଣ, ଅନ୍ତୋଦୟ ଯୋଜନାରେ ଚାଉଳ ନମିଳିବା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ମୁଦ୍ରାଜୋର ଆଦର୍ଶ ବିଦ୍ୟାଳୟ ସମ୍ପୂର୍ଣ୍ଣ କରାଯିବା, ରଣଛାଡ, ହାତିଆନାଳ ଡ୍ୟାମ ମରାମତିରେ ଦୁର୍ନୀତି ଓ ବଡ଼ତୁରିଆମ ଗ୍ରାମରେ କୁଚିଆ ମଦ ଦୋକାନ ବନ୍ଦ ସଂକ୍ରାନ୍ତୀୟ ୩୯ଟି ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା।

# ଉଦ୍ଧାର ଅପହୃତା ନାବାଳିକାକୁ ସ୍ୱଧାର ଗୃହରେ ଛଡ଼ାଗଲା

କୋରାଇ, ୨୮/୦୬ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ଅପହୃତା ନାବାଳିକାକୁ ଅଦାଲତରେ ହାଜର କରାଇ ୧୬୪ ବୟାନ ରେକର୍ଡ ପରେ ସ୍ୱଧାର ଗୃହରେ ଛାଡିଛି। ନିଜ ଅପହରଣ ସର୍ମ୍ପକରେ ନା ବାଳିକା ତାଙ୍କ ବୟାନରେ ଅପହରଣକୁ ଅସ୍ୱୀକାର କରିବା ସହ ବାପଘରକୁ ଯିବାକୁ ମନା କରିବାରୁ ତାଙ୍କୁ ଶେଷରେ ସ୍ୱଧାର ଗୃହରେ ଛାଡିଛି। ଅଭିଯୋଗର ୫ ମାସ ପରେ ପାଣିକୋଇଲି ପୁଲିସ ୫ ମାସ ପରେ ଜୈନିକ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ପ୍ରକାଶଯେ ଗତ ୨୦୨୩ ଜାନୁଆରୀ ୨୬ ତାରିଖ ଶଙ୍ଖଚିଲା ଫାଣ୍ଡି ତଥା ଖମଣ ପଂଚାୟତ ଠାକୁର ପାଟଣା ଗ୍ରାମର ବାସୁଦେବ ମଳିକଙ୍କ ନାବାଳିକା କନ୍ୟା ରଙ୍ଗ(ଛଦ୍ମନାମ) (୧୬)ଶଙ୍ଖଚିଲା ହାଇସ୍କୁଲକୁ ପାଠ ପଢିବାକୁ ଯାଇ ଆଉ ଘରକୁ ଫେରିନଥିଲା। ବହୁ ଖୋଜା ଖୋଜି ପରେ ତାର କୌଣସି ସନ୍ଧାନ ମିଳିନଥିଲା। ଏନେଇ ତାର ମା କୁନ୍ତଳା ମଳିକ ଶଙ୍କଚିଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। କାଦଡିହ କାଳିଆପାଳ ଗ୍ରାମର ଟୁନା ଯେନା ତାକୁ ନେଇଥିବା ନେଇ ଶଙ୍ଖଚିଲାର ଦୁଇଟି ଦୋକାନରୁ ସିସିଟିଭିରୁ ଜଣାପଡିଥିଲା। ଟୁନାର ଭଉଣୀ ଘର ବାସୁଦେବଙ୍କ ଘର ନିକଟରେ ହୋଇଥିବା ବେଳେ ଟୁନା ସବୁବେଳ ଯାତାୟତ କରେ ଯାହା ଫଳରେ ସିସିଟିଭି ଫୁଟେଜରୁ ତାକୁ ଚିହ୍ନି ହୋଇଥିଲା। ଅଭିଯୋଗ ପରେ ଏକ ମାମଲା ୧୯/୨୩ ରୁଜ୍ଜୁ କରାଯାଇଥିଲା। ଏନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଆଜି ରଙ୍ଗ ଓ ଟୁନାକୁ ପୁଲିସ କାଳିଆପାଳରୁ ଧରିବାରେ ସକ୍ଷମ ହୋଇଛି। ଅଦାଲତର ନିଷ୍ପତି ଅନୁଯାୟୀ ଟୁନା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# କନ୍ଧମାଳ ଜିଲ୍ଲା ସୌଣ୍ଡିକ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ

କନ୍ଧମାଳ, ୨୮/୦୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଘୋଡାଗାଡୁ ଗ୍ରାମ ଠାରେ ସୌଣ୍ଡିକ ସମାଜର ଦୁଇ ଦିନିଆ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୃଙ୍ଖଳିତ ସମାଜ ଗଠନ ରେ ଯୁବ ସମାଜର ଭୂମିକା ଉପରେ ଅଧ୍ୟାପକ ସୁଦାମ ଚରଣ ବେହେରା ଆଲୋଚନା କରିଥିଲେ। ସେହିପରି ସମାଜରେ ମହିଳା ମାନଙ୍କ ଭୂମିକା ଉପରେ ଅବସରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ବିଶଦ ଭାବେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଯୌତୁକ ପ୍ରଥା ହଟାଇବା ଓ ଗୋଷ୍ଠୀ ମଧ୍ୟରେ ଶିକ୍ଷା ର ପ୍ରସାର ଉପରେ ବକ୍ତା ମାନେ କହି ଥିଲେ। ଏହା ପରେ ଦିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇ ଥିଲା। ଏଥିରେ ବିଜୟ କୁମାର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ଭାବେ ଭାବ ଗ୍ରାହୀ ପ୍ରଧାନ, ମହିଳା ସଭାନେତ୍ରୀ ଭାବେ ମଞ୍ଜୁଳା ପ୍ରଧାନ, ଯୁବ ଗୋଷ୍ଠୀ ସଭାପତି ଭାବେ ପୀତବାସୀ ସାହୁ ସମ୍ପାଦକ ଭାବେ ଅଶୋକ କୁମାର ବେହେରା, ସହ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ସାହୁ ଓ କୋଷାଧକ୍ଷ ଭାବେ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଥିଲେ। ଦ୍ୱିତୀୟ ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହା ସମେତ କେଲାପଡା ଓ ସାରଙ୍ଗଡ଼ ଗ୍ରାମର ୨ ଜଣ ଅସହାୟ ଯୁବକ ଯୁବତୀଙ୍କ ମଧ୍ୟ ରେ ବିବାହ କାର୍ଯ୍ୟ ସମାଜ ପକ୍ଷରୁ ଆୟୋଜନ କରାଯାଇଥିଲା। ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ରାଜକିଶୋର ବେହେରା, ନାରାୟଣ ସାହୁ, ପିତାମ୍ବର ସାହୁଙ୍କ ସମେତ ଶତାଧିକ ଅଧିକ ସଭ୍ୟା ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲା ଶିଶୁ ସୁରକ୍ଷା ସମ୍ପର୍କିତ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୮/୦୬ (ନି.ପ୍ର): ଅସୁବିଧା ମଧ୍ୟରେ ରହିଥିବା ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଗଠିତ ଜିଲ୍ଲା ଟାସ୍କଫୋର୍ସ କମିଟି କାର୍ଯ୍ୟ ଯୋଜନା ଗୁଡ଼ିକର ସମୀକ୍ଷା ଓ ଆସନ୍ତା ତିନି ମାସ ପାଇଁ ହେବାକୁ ଯାଉଥିବା କାର୍ଯ୍ୟ ଯୋଜନା ପାଇଁ ଆଲୋଚନା ଏବଂ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ କନ୍ଧମାଳ ଓ ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଝିଅଙ୍କୁ ବଞ୍ଚାନ୍ତୁ ଓ ଝିଅଙ୍କୁ ପଢ଼ାନ୍ତୁ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲା ଶିଶୁ ଶୁରକ୍ଷା ଅଧିକାରୀ ରଶ୍ମିତା କରନ୍‌ଙ୍କ ଆଲୋଚନାରୁ ଜଣାପଡ଼ିଛିଯେ, ଝିଅଙ୍କୁ ବଞ୍ଚାନ୍ତୁ ଓ ଝିଅଙ୍କୁ ପଢ଼ାନ୍ତୁ ଯୋଜନା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏକ ଜାତୀୟ ଅଭିଯାନ ଏବଂ ଏକ ମିଳିତ ଉଦ୍ୟମ। ଯୋଜନାର ଲକ୍ଷ୍ୟ ହେଲା କନ୍ୟା ସନ୍ତାନ ମାନଙ୍କୁ ପାଳନ କରିବା ଏବଂ ଶିକ୍ଷା ଦେବା। ସେହିପରି, ଏହି ଯୋଜନାର ଉଦ୍ଦେଶ୍ୟ ହେଲା, କନ୍ୟା ସନ୍ତାନର ବଞ୍ଚିବା ଓ ସୁରକ୍ଷା ସୁନିଶ୍ଚିତ କରିବା, ସେମାନଙ୍କର ଶିକ୍ଷା ଓ ପ୍ରତ୍ୟେକ କାର୍ଯ୍ୟରେ ଅଂଶ ଗ୍ରହଣ ସୁନିଶ୍ଚିତ କରିବା, ଝିଅମାନଙ୍କୁ ସେମାନଙ୍କ ମତ ପ୍ରକାଶ କରିବାକୁ ଉତ୍ସାହିତ କରିବା, ଲିଙ୍ଗଗତ ସମାନତା ପାଇଁ ଦୀର୍ଘମିଆଦୀ ହସ୍ତକ୍ଷେପ ବୋଲି ଆଲୋଚନାରୁ ଜଣାପଡ଼ିଛି। ଗର୍ଭଧାରଣ ପୂର୍ବରୁ ଓ ପ୍ରସବ ପୂର୍ବ ନିଦାନ କୌଶଳ(ଲିଙ୍ଗ ଚୟନ ନିଷେଧ) ଆଇନ, ୧୯୯୪ ଉପରେ ଆଲୋଚନା କରାଯିବା ସହିତ ୨୦୦୩ରେ ହୋଇଥିବା ସଂଶୋଧନର ପ୍ରଭାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି ବୈଠକରେ ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ ଏବଂ ବାଲ୍ୟ ବିବାହ ଶିଶୁ ଅଧିକାରକୁ ଉଲ୍ଲଂଘନ କରୁଥିବାରୁ ଏହାକୁ ରୋକିବାରେ ଆଇନରେ କି କି ଦଣ୍ଡବିଧାନ କରାଯାଇଛି ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ମହିଳା ଓ ଶିଶୁ ଚୋରା ଚାଲାଣ ଉପରେ ଆଲୋଚନା ବେଳେ ଜଣାପଡ଼ିଛି ଯେ, ଘରୋଇ କାମ ପାଇଁ, ଅଙ୍ଗ ପ୍ରତ୍ୟାରୋପଣ ପାଇଁ, ଫଟୋ ପ୍ରଦର୍ଶନୀ ପାଇଁ, ଶିଶୁ ଶ୍ରମିକ, ସେକ୍ସ ଇଣ୍ଡଷ୍ଟ୍ରିର ପ୍ରୋତ୍ସାହନ ଇତ୍ୟାଦି ପାଇଁ ନାବାଳିକା ଓ ଶିଶୁମାନଙ୍କୁ ଚୋରା ଚାଲାଣ କରାଯାଉଛି। ସେଥିପାଇଁ ସେମାନଙ୍କୁ ବିବାହ ପାଇଁ ମିଥ୍ୟା ପ୍ରତିଶ୍ରୁତି, ଅଭିନେତା ବା ଅଭିନେତ୍ରୀ କରିଦେବା ପାଇଁ କିମ୍ବା ଚାକିରି ଦେବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥାଏ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଧମକ, ଅପହରଣ ଓ ବ୍ଲାକ୍ ମେଲ୍ କରାଯାଇଥାଏ। ସେମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛିବୋଲି ଜିଲ୍ଲାପାଳ କହିଥିଲେ। ଏଥିପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଏହି ଦିଗରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତି, ସ୍ୱାତୀ, ସାହାରା, ପ୍ରେମ୍, ଜାଗୃତି, ସେଭ୍ ଦି ଚିଲଡ୍ରେନ୍, ସୁଭଦ୍ରା ମହତାବ ସେବା ସଦନ, ଆକ୍ସନ୍ ଇଣ୍ଡିଆ, ଉତ୍କଳ ବାଳାଶ୍ରମ ଇତ୍ୟାଦିର ମୁଖ୍ୟମାନଙ୍କର ସହଯୋଗ କାମନା କରିଥିଲେ।

# ପିଆଇବି ପକ୍ଷରୁ ଖୋର୍ଦ୍ଧାରେ ଆଂଚଳିକ ଗଣମାଧମ କର୍ମଶାଳା ବାର୍ତ୍ତାଳାପ

ଖୋର୍ଦ୍ଧା/ଭୁବନେଶ୍ୱର, ୨୮/୦୬ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧା ଟାଉନ୍ ହଲ୍ ଠାରେ ଆଂଚଳିକ ଗଣମାଧମ କର୍ମଶାଳା ''ବାର୍ତାଳାପ'' ଆୟୋଜିତ ହୋଇଯାଇଛି । କର୍ମଶାଳାରେ କେନ୍ଦ୍ରର ''ଏନଡିଏ ସରକାରଙ୍କ ୯ବର୍ଷ : ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି କାହାଣୀ'', ''କେନ୍ଦ୍ର ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ'' ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା।

ଭାରତ ସରକାରଙ୍କ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଯୁଗ୍ମ ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି)ର ଆଂଚଳିକ ଅଧିକାରୀ ଡକ୍ଟର ଗିରିଶ ଚନ୍ଦ୍ର ଦାଶ କର୍ମଶାଳାରେ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡକ୍ଟର ଦାଶ କହିଥିଲେ ଯେ, ବାର୍ତାଳାପ କର୍ମଶାଳା ସରକାର ଓ ଗଣମାଧମ ପ୍ରତିନିଧିଙ୍କ ସହିତ ପ୍ରତ୍ୟକ୍ଷ ସମ୍ବାଦ ସ୍ଥାପନ କରିବାର ଏକ ମାଧମ। ସେ ଆହୁରି କହିଥିଲେ ଯେ, କେବଳ ସୂଚନାକୁ ଖବର ବୋଲି କୁହାଯାଇପାରିବ ନାହିଁ। ସୂଚନାକୁ ସଠିକ୍ ଢଙ୍ଗରେ ପରିବେଷଣ କଲେ ତାହା ଖବର ହୋଇଥାଏ। ସମ୍ପ୍ରତି ସାମାଜିକ ଗଣମାଧମ ଜରିଆରେ ମିଛ ଖବର ବହୁଳ ଭାବେ ପ୍ରସାରିତ ହେଉଛି। ମିଛ ଖବର ପ୍ରସାରଣକୁ ରୋକିବା ଦିଗରେ ମୁଖ୍ୟସ୍ରୋତର ଗଣମାଧମଙ୍କ ଏକ ପ୍ରମୁଖ ଦାୟିତ୍ୱ ରହିଛି ବୋଲି ଡକ୍ଟର ଦାଶ କହିଥିଲେ । ଏହି କ୍ରମରେ ସେ ପିଆଇବି ଦ୍ୱାରା ଭ୍ରମାତ୍ମକ ଖବର ପ୍ରସାରଣ ଉପରେ ଅଙ୍କୁଶ ଲଗାଇବାକୁ ଏକ ଫ୍ୟାକ୍ଟଚେକ ୟୁନିଟ୍ ପରିଚାଳନା କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଏବଂ ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଓ ଖୋର୍ଦ୍ଧା ମାଟିର ଅବଦାନ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ତଥା ବକ୍ତା ପ୍ରଦ୍ୟୁମ୍ନ ଶତପଥୀ ବକ୍ତବ୍ୟ ରଖିଥିଲେ । ସେ ତାଙ୍କ ଉଦବୋଧନରେ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଦେଶର ସାମଗ୍ରିକ ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ କାରଣରୁ ଆଜି ଦେଶବାସୀଙ୍କର ସର୍ବାଙ୍ଗୀଣ ଉନ୍ନତି ହୋଇଛି ତଥା ବିଶ୍ୱସ୍ତରରେ ଭାରତର ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ପାଇଛି ।

'ଏନଡିଏ ସରକାରଙ୍କ ୯ବର୍ଷ : ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି କାହାଣୀ' ବିଷୟବସ୍ତୁ ଉପରେ ଉଦବୋଧନ ଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ ଯେ, ଏନଡିଏ ସରକାରଙ୍କ ୯ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏକଦା ନୀତିଗତ ପକ୍ଷାଘାତର ଶିକାର ଦେଶ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୃଢ଼ ଓ ନିର୍ଣ୍ଣାୟକ ପ୍ରଶାସନ ପାଇଁ ପରିଚିତ ହୋଇପାରିଛି। ମହାମାରୀ ପରେ ଦେଶର ଅର୍ଥବ୍ୟବସ୍ଥା ସ୍ୱାଭାବିକ ବିକାଶ ହାର ହାସଲ କରିଥିବା ବେଳେ ବିପତିକୁ ଅବସରରେ ପରିଣତ କରିବାରେ ଦେଶ ସଫଳ ହୋଇଛି । ଭାରତ ବିଶ୍ୱର ପଂଚମ ସର୍ବବୃହତ ଅର୍ଥବ୍ୟବସ୍ଥାର ମାନ୍ୟତା ଲାଭ କରିଥିବା ବେଳେ ଖୁବଶୀଘ୍ର ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା ହେବା ଦିଗରେ ଅଗ୍ରସର ହେଉଛି । ଦୁର୍ନୀତି ଓ ଭ୍ରଷ୍ଟାଚାର କମିଛି । ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଭଳି ଅଭିଯାନ ସାମାଜିକ-ଆର୍ଥିକ ବିକାଶକୁ ସୁଦୃଢ଼ କରିଛି ବୋଲି ଶ୍ରୀ ସାହୁ କହିଥିଲେ । ଶ୍ରୀ ସାହୁ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବରିଷ୍ଠ ପ୍ରାଧ୍ୟାପକ, ଲେଖକ ତଥା ବକ୍ତା ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ''ସ୍ୱାଧୀନତାର ଅମୃତ ମହୋତ୍ସବ : ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଭୂମିକା'' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପାଇକ ବିଦ୍ରୋହର ଉଦାହରଣ ଦେଇ ଦେଶକୁ ସ୍ୱାଧୀନ କରିବା ଲାଗି ଖୋର୍ଦ୍ଧା ମାଟିର ମହାନ ସଂଗ୍ରାମୀମାନଙ୍କର ଭୂମିକା ଏବଂ ସେମାନେ ଦେଇଥିବା ବଳିଦାନ ସମ୍ପର୍କରେ ଅବତାରଣା କରିଥିଲେ । ଏଥିସହିତ ଗଣତନ୍ତ୍ରରେ ଏକ ସକ୍ରିୟ ତଥା ଦୃଢ଼ ଗଣମାଧମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଖୋର୍ଦ୍ଧାର ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ପାଣିଗ୍ରାହୀ କର୍ମଶାଳାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ସାମ୍ବାଦିକମାନଙ୍କ ସହିତ ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପିଆଇବିର ଗଣମାଧମ ଓ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ, କର୍ମଚାରୀଙ୍କ ସମେତ ଖୋର୍ଦ୍ଧାର ସମସ୍ତ ଗଣମାଧମ ପ୍ରତିନିଧି କର୍ମଶାଳାରେ ଉପସ୍ଥିତ ରହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ସିଂହଦ୍ୱାର ସାମ୍ନାରେ....

ଘଣ୍ଟଘଣ୍ଟା, ହୁଳହୁଳି, ଶଙ୍ଖ ଧ୍ୱନୀରେ ପ୍ରକମ୍ପିତ ବଡଦାଣ୍ଡ। ତାରି ଭିତରେ ନାକଚଣା ଦ୍ୱାରରେ ୩ ଠାକୁରଙ୍କ ଅପେକ୍ଷାରେ ଥିଲା ୩ ରଥ। ଏଣେ ଆଡ଼ପ ମଣ୍ଡପରୁ ଆରମ୍ଭ ହୋଇଥିଲା ସଅଳ ନୀତିକାନ୍ତି। ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ବେଳାବେଳି ବାହୁଡ଼ିଯିବାକୁ କଳା ସାଆନ୍ତ ବି ସତେଯେମିତି ପ୍ରସ୍ତୁତ ହେଉଥିଲେ। ସେଥିପାଇଁ ନିର୍ଦ୍ଧାରିତ ସମୟର ପ୍ରାୟ ୪ ଘଣ୍ଟା ଆଗରୁ ହୋଇଯାଇଥିଲା ପହଣ୍ଡି। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ପରେ ବଡ଼ଭାଇ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଓ ଶେଷରେ ଟାହିଆ ହଲାଇ, ହଲି ଝୁଲି ନନ୍ଦିଘୋଷ ରଥକୁ ଏଭଳି ଭଙ୍ଗିରେ ଆସିଥିଲେ ଭାବ ବିନୋଦିଆ। ଅନ୍ୟ ରୀତିନୀତି ପରେ ଶ୍ରୀନଅରରୁ ଆସି ଶରଧାବାଲିରେ ପହଞ୍ଚିଥିଲେ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆରମ୍ଭ କରିଥିଲେ ଛେରାପହଁରା। ଏହାପରେ ପହଞ୍ଚି ଯାଇଥିଲା ସେହି ଅପୂର୍ବ ମୁହୂର୍ତ୍ତ। ଦିନ ୧୨ଟା ୪୫ ମିନିଟରେ ପ୍ରଥମେ ଘର୍ଘର ନାଦରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗଡ଼ିବା କ୍ଷଣି ଭକ୍ତିରେ ଉଛୁଳି ପଡ଼ିଥିଲା ପରିବେଶ। କେବଳ ଯେ, ତାଳଧ୍ୱଜ ରଥକୁ ସଅଳ ଗଡ଼ାଇ ନେଇଥିଲେ ଭକ୍ତ, ତା' ନୁହେଁ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ପରେ ପରେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥକୁ ମଧ୍ୟ ଶ୍ରୀମନ୍ଦିର ଆଡ଼କୁ ଟାଣି ନେଇଥିଲେ ଲକ୍ଷ ଲକ୍ଷ ଭକ୍ତ। କିଛି ସମୟ ପାଇଁ ରଥ ଅଟକିଥିଲା ମାଉସୀ ମାଆଙ୍କ ମନ୍ଦିର ଆଗରେ। ଯେଉଁଠି ହୋଇଥିଲା ପୋଡ଼ପିଠା ଭୋଗ। ମାଉସୀଙ୍କ ହାତରୁ ପୋଡ଼ପିଠା ଖାଇ ପୁଣି ସିଂହଦ୍ୱାର ଅଭିମୁଖେ ବାହାରିଥିଲେ ୩ ଭାଇଭଉଣୀ। ଏହାପରେ ଶ୍ରୀନଅର ସମ୍ମୁଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ହୋଇଥିଲା ଲକ୍ଷ୍ମୀ ନାରାୟଣ ଭେଟ। ଗୁଣ୍ଡିଚା ଦିନ ରଥଟଣାରେ ଅହେତୁକ ବିଳମ୍ବ ଘଟିବା ସହ , ସଂଧ୍ୟା ଯାଏଁ ଚାଲିଥିଲା ରଥଟଣା। ତଥାପି ସେଦିନ ଶରଧା ବାଲିରେ ଲାଗି ପାରିନଥିଲା ଦର୍ପଦଳନ ଓ ନନ୍ଦିଘୋଷ ରଥ। ୨ ଦିନକାଳ ରଥରେ ରହି ଯାତ୍ରାର ତୃତୀୟ ଦିନ ଆଡ଼ପ ମଣ୍ଡପ ବିଜେ କରିଥିଲେ ୩ ଠାକୁର।

### ୫-ଟି ସଚିବ ଦଳକୁ ....

ତାଙ୍କର ରାଜନୈତିକ ଭବିଷ୍ୟତ କଣ ହେବ, ଏ ସମ୍ପର୍କରେ ନିଜର ସହଯୋଗୀ ଓ ସମର୍ଥକଙ୍କ ସହ ବିଚାର ବିମର୍ଶ ପରେ ନିଷ୍ପତ୍ତି ନେବେ ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ । ଧ୍ରୁବଚରଣ ନାୟକ, ପ୍ରିୟବ୍ରତ ନାରାୟଣ ପ୍ରହରାଜ, ଗୌରୀଶଙ୍କର ଦତ, ସୁଶାନ୍ତ ପ୍ରଧାନ, ଚିନ୍ମୟୀ ଦେବ, ଅଦୈତ୍ୟ ଜେନା, କେଶବଚନ୍ଦ୍ର ଦଣ୍ଡପାଟ, ସଂଘମିତ୍ରା ମଣ୍ଡଳ ପୁରୁଷୋତମ ଭୂୟାଁ ପ୍ରମୁଖଙ୍କ ସମେତ ଶ୍ରୀ ବେହେରାଙ୍କ ବହୁ ସମର୍ଥକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ମଳ ବିଶୋଧାନାଗାର କେନ୍ଦ୍ର ପରିଦର୍ଶନ

ଜୟପୁର, ୨୮/୦୬ (ନି.ପ୍ର): ଜୟପୁର ମକାପୁଟରେ ହୋଇଥିବା ମଳ ବିଶୋଧାନାଗାର କେନ୍ଦ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ପୌରାଂଚଳ ଦ୍ୱାରା ହୋଇଥିବା ଏହି କେନ୍ଦ୍ରକୁ ଜୟପୁର ବ୍ଲକର ୨୨ଟି ପଂଚାୟତର ସରପଂଚ, ଓାର୍ଡ ମେମ୍ବର ସହ ଶହେରୁ ଅଧିକ ଜଣ ସଦସ୍ୟ ପରିଦର୍ଶନ କରିଥିଲେ । ଏହିଟିମରେ ବ୍ଲକର ବିଡିଓ ରାଜୀବ ଦାସ,ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର ସ୍ୱଛ ଭାରତ ମିଶନର ଜୟ କନ୍ଦପାନ , କନିଷ୍ଠ ଯନ୍ତ୍ରୀ ସୁକାନ୍ତ କିଶୋର ବାରିକ, ଆସି ଏହି କେନ୍ଦ୍ରକୁ ବୁଲିଥିଲେ । କେନ୍ଦ୍ର ର ସମସ୍ତ ତଥ୍ୟ ଜୟପୁର ପୌରାଂଚଳର ପରିମଳ ଇଂଞ୍ଜିନିୟର ରାଜଶେଖର ରାଓ ଉପସ୍ଥିତ ରହି କେନ୍ଦ୍ର ଉପରେ ବୁଝାଇଥିଲେ। ଏଠାରୁ ଖତ ବାହାରିବା ସହ ବାହାରୁଥିବା ୫୦ ପ୍ରତିଶତ ପାଣି ବଗିଚାରେ ବ୍ୟବହାର ହେଉଛି । ଆସିଥିବା ଟିମ ମଧ ଖୁସି ପ୍ରକଟ କରି ତାଙ୍କ ପଂଚାୟତ ଏପରି କରିବା ପାଇଁ ମନସ୍ଥ କରି ଫେରିଥିବା ପୌର ପାଳିକା ତରଫରୁ ସୂଚନା ଦିଆଯାଇଛି ।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




ଭଦ୍ରକ, ୨୮/୦୬ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଅସୁରା ଠାରେ ଅଗ୍ରଣୀ ସେବା ସଂସ୍ଥା ଭଦ୍ରକ ରୋଟାରୀ କ୍ଲବ ପକ୍ଷରୁ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ କ୍ଲବ ସଭାପତି ଅଭିଜିତ୍ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଘଣ୍ଟା ପ୍ରତି ୬ଶହ ଲିଟର ବିଶୁଦ୍ଧ ପାନୀୟଜଳ ଉପଲବ୍ଧ ହୋଇ ପାରିବ। ପ୍ରକାଶ ଥାଉକି ବିଦ୍ୟାଳୟର ୩ଶହ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର କୌଣସି ବନ୍ଦୋବସ୍ତ ନଥିବା ଓ ସେମାନଙ୍କ ଅସୁବିଧା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଭଦ୍ରକ ରୋଟାରୀ କ୍ଲବକୁ ଅବଗତ କରାଇଥିଲେ। ପାନୀୟ ଜଳ ପ୍ରକଳ୍ପ ସ୍ଥାପିତ ହେବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି ଓ ଭଦ୍ରକ ରୋଟାରୀ କ୍ଲବକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଂପାଦକ ମାର୍ଗିଲାଲ ବଳଦେବା, ରୋଟାରିଆନ୍ ଶୈଳେନ୍ଦ୍ର ନାରାୟଣ ପାଢୀ, ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର, ସହକାରୀ ଶିକ୍ଷକ ସରୋଜ କୁମାର ବେହେରା, ଉଗ୍ରସେନ ଦାସ, ଶେକ୍ ରିଆଜ କାଦ୍ରୀ, ସହକାରୀ ଶିକ୍ଷୟିତ୍ରୀ ମନୋରମା ମହାନ୍ତି, କବିତା ସାହୁ, ଉର୍ମିଳା ଦାସ, ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ ଓ ଅନ୍ୟ ସଭ୍ୟସଭ୍ୟା ତଥା ରାହାଞ୍ଚ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ଦାଶ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର ରୋଟାରୀ କ୍ଲବର ସଭାପତି, ସମ୍ପାଦକ, କ୍ଲବର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଦାବିରେ ଆନ୍ଦୋଳନ କରିବ ସଦର ବିଜେପି




ବାଲେଶ୍ୱର, ୨୮/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ପ୍ରସ୍ତୁତିରେ ବ୍ୟାପକ ତଞ୍ଚକତା ହୋଇଥିବା ନେଇ ଅଭିଯୋଗ ଉଠାଇଛନ୍ତି ସଦର ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ। ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଆବାସ କାର୍ଯ୍ୟାଦେଶ ପ୍ରଦାନ କରା ନଗଲେ ସଦର ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଚେତାବନୀ ଦେଇଛନ୍ତି। ଗରିବ ଯୋଗ୍ୟ ଲୋକଙ୍କୁ ବାଦଦେଇ ଶାସକଦଳ ପ୍ରଭାବରେ ଧନୀ ତଥା ଅଯୋଗ୍ୟ ଲୋକଙ୍କ ନାମ ତାଲିକାଭୁକ୍ତ ସହ କେନ୍ଦ୍ର ସରକାରଙ୍କର ଅନୁଦାନକୁ ବାଟମାରଣା କରାଯାଉଥିବା ଶ୍ରୀ ଦତ୍ତ ଆରୋପ ଉଠାଇଛନ୍ତି । ପଲିଥିନ ତଥା ମାଟି ଘରେ ରହୁଥିବା ଅତ୍ୟନ୍ତ ଗରିବ ପରିବାର କେଉଁ କାରଣ ଯୋଗୁଁ ତାଲିକାରୁ ବାଦ ପଡ଼ିଛନ୍ତି, ନିୟମ ଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ଏଯାବତ ତାହା ପ୍ରକାଶ କରିନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। 'ଫନି' ବାତ୍ୟା ତାଲିକାରେ ୧୬୬୧ ଜଣଙ୍କ ମଧ୍ୟରୁ ୧୪୪୩ ଜଣ ଚୟନ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ୪୮୨୧ ଜଣଙ୍କ ମଧ୍ୟରୁ ୩୯୭୩ ଜଣଙ୍କ ଚୟନ କରାଯାଇଛି । ଏବେବି ପଲିଥିନ ତଳେ ରହୁଥିବା ବହୁ ଯୋଗ୍ୟ ହିତାଧିକାରୀ ପକ୍କା ଘରଟିଏ ପାଇଁ ଚାତକ ଭଳି ଚାହିଁ ବସିଛନ୍ତି। ଅନ୍ୟପକ୍ଷରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ଦେଇ ଘରଡିହ ପଟ୍ଟା ବନ୍ଧକ ରଖି 'ମୋ ଘର' ଯୋଜନାର ଋଣ ପ୍ରଦାନ ଭଳି ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ଦତ୍ତ କହିଛନ୍ତି। ଚୟନ ତାଲିକାରୁ କଟିଥିବା ଏ ନେଇ ସଦର ବିଜେପିର କର୍ମୀମାନେ ଗାଁ ଗାଁ ବୁଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ଆନ୍ଦୋଳନ ପାଇଁ ପ୍ରସ୍ତୁତ କରିବାକୁ ଦଳ ପକ୍ଷରୁ ଉପକ୍ରମ ଆରମ୍ଭ ହୋଇଛି ବୋଲି ସେ ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ ଓ ଲୋକନାଥ ଭୂୟାଁ, ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ କାଟ ବିରୋଧରେ କଂଗ୍ରେସର ଟିପିଓଏନଡିଏ କାର୍ଯ୍ୟାଳୟ ଘେରାଓ

ଭଦ୍ରକ,୨୭।୬(): ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ କରିବା, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଏବଂ ଅହେତୁକ ବିଦ୍ୟୁତ ଦର ବୃଦ୍ଧି ବନ୍ଦ କରିବା ଦାବିରେ ଆଜି ମଙ୍ଗଳବାର ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ ଟିପିଓଏନଡିଏ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଓଡିଶା ଏକ ବଳକା ବିଦ୍ୟୁତ୍ ରାଜ୍ୟ ହୋଇଥିଲେ ମଧ ଉପଭୋକ୍ତାମାନଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ମିଳି ପାରୁନି। ବିଭିନ୍ନ ସମୟରେ ବିଦ୍ୟୁତ୍ ବିତରକ କମ୍ପାନୀ, ଗ୍ରିଡକୋ ଓ ଓଡିଶା ସରକାରଙ୍କ ଶକ୍ତି ବିଭାଗ ଗ୍ରାହକମାନଙ୍କୁ ଶୋଷଣ କରି ଚାଲିଛି। ୟୁନିଟ ପିଛା ବିଦ୍ୟୁତ୍ ଦର ଓଡିଶାରେ ଅନ୍ୟ ରାଜ୍ୟମାନଙ୍କ ଅପେକ୍ଷା ବହୁତ ଅଧିକ। ଓଡିଶାରୁ ବିଦ୍ୟୁତ୍ କ୍ରୟ କରି ଅନ୍ୟ ରାଜ୍ୟ ନିଜ ରାଜ୍ୟର ଉପଭୋକ୍ତାଙ୍କୁ କମ୍ ଦାମରେ ଯୋଗାଣ କରୁଛନ୍ତି। ଏପରିସ୍ଥଳେ ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଶକ୍ତି ମନ୍ତ୍ରୀ ରାଜ୍ୟରେ ବିଦ୍ୟୁତ୍ କାଟ ହେଉ ନାହିଁ କହିବା ଦୁର୍ଭାଗ୍ୟଜନକ ବୋଲି ଟିପିଓଏନଡିଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ ଓ ଶକ୍ତି ସଚିବଙ୍କ କଥାରେ ତାଳମେଳ ରହୁ ନାହିଁ। ନିରବଚ୍ଛିନ୍ନ ସେବା ବଦଳରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଦିନରେ ୮ରୁ ୧୨ ଘଣ୍ଟା ବିଦ୍ୟୁତ୍ କାଟ ଅଘୋଷିତ ଭାବରେ ହେଉଛି। ଏହା ନିରନ୍ତର ୨୩ ବର୍ଷ ଶାସନ କ୍ଷମତାରେ ଥିବା ବିଜେଡି ସରକାରଙ୍କ ସଫଳତା କି ବୋଲି ପ୍ରଶ୍ନ କରିଛନ୍ତି ଭଦ୍ରକ ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ନଳିନୀ ମହାନ୍ତି। ୨ହଜାରରୁ ୨୦୦୯ ପର୍ଯ୍ୟନ୍ତ ସରକାର ବିଦ୍ୟୁତ ଭିତ୍ତିଭୂମୀର ବିକାଶ ପାଇଁ ୨୨ ହଜାର କୋଟି ଓ ୨୦୧୦ରୁ ଆଜି ପର୍ଯ୍ୟନ୍ତ ୨୦ ହଜାର କୋଟି ଏହି ବିକାଶ ଦିଗରେ ଖର୍ଚ୍ଚ କରିଥିବା ସରକାର ଦର୍ଶାଉଛନ୍ତି। ସରକାର ଗତ ୨୩ ବର୍ଷ ମଧ୍ୟରେ ବିଦ୍ୟୁତ୍ ସେବାର ଭିତ୍ତିଭୂମୀ ବିକାଶ ପାଇଁ ଯଦି ୪୨ ହଜାର କୋଟି ଖର୍ଚ୍ଚ କରିଛନ୍ତି ତେବେ ତେବେ ଟାଟା ପାୱାର ସିଇଓ ପ୍ରବୀନ ସିହ୍ନା ରାଜ୍ୟର ଭିତ୍ତିଭୂମୀ ରୁଗଣ ଅବସ୍ଥାରେ ଅଛି ବୋଲି କିପରି କହୁଛନ୍ତି ? ତେଣୁ ଗରିବ, ମଧ୍ୟବିତ୍ତ ପରିବାର, ଚାଷୀଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ ବନ୍ଦ କରିବା, ଗୁଣାତ୍ମକ ସେବା ଯୋଗାଇବା, ବିଦ୍ୟୁତ୍ ଦର କମ୍ କରିବା, ବିଲିଂ ଓ ଦେୟ ଏକ ନିର୍ଦ୍ଦିଷ୍ଟ ତାରିଖରେ ଆଦାୟ କରିବା, ସୁଧ ସହ ବିଲ ଆଦାୟ ବନ୍ଦ କରିବା, ଭିତ୍ତିଭୂମୀ ପାଇଁ ଖର୍ଚ୍ଚ କରାଯାଇଥିବା ଅର୍ଥ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରିବା ପାଇଁ ଉକ୍ତ ପ୍ରତିବାଦ ସଭାରେ ଯୋଗ ଦେଇଥିବା ବହୁ ନେତୃମଣ୍ଡଳୀ ଦାବି ଉଠାଇଥିଲେ। ଶେଷରେ ରାଜ୍ୟ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ଓ ଗ୍ରୀଡକୋ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପ୍ରଭାରୀ ନିଶିକାନ୍ତ ମିଶ୍ର, ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଦିଗମ୍ବର ଦାସ, ବିଦ୍ୟାଧର ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ଗୋଲକ ପ୍ରସାଦ ବେହେରା, ରଜନୀ ଚାନ୍ଦ, ରମେଶ ବଳ, ତ୍ରୈଲୋଚନ ପଣ୍ଡା, ଅଭିଷେକ ରାଉତ, ଭକ୍ତରଂଜନ ପଟ୍ଟନାୟକ, ପ୍ରସନ୍ନ ଧଳ, ପିତବାସ ଧଳ, ଅବଦୁଲ ମୋକିତ ଖାନ, ମଞ୍ଜୁଲତା ପଣ୍ଡା, ସୁଷାନ୍ତ ମହାକୁଡ଼, ସୁବ୍ରତ ଦାସ, ପ୍ରଦ୍ୟୁମ୍ନ ଦାସ, ବିଜୟ ବାରିକ, ନିଶିକାନ୍ତ ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ, ସୁବ୍ରତ ବେହୁେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ବୈଠକ



ବାରିପଦା, ୨୮/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସେଣ୍ଟର ଠାରେ ଜିଲ୍ଲା ସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲାପାଳ ଭିନିତ ଭରଦ୍ୱାଜ ଯୋଗଦେଇ ବୈଠକର ଶୁଭାରମ୍ଭ କରିବା ସହ ପୁଣିଥରେ ମୟୂରଭଞ୍ଜକୁ ଶିଶୁଶ୍ରମିକ ମୁକ୍ତ ଜିଲ୍ଲା ଭାବରେ ଗଠନ କରିବା ପାଇଁ ଜୋର ଦେଇଛନ୍ତି । ବିଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଶ୍ରମ ଆଇନ ସମ୍ବନ୍ଧରେ ଆଲୋଚନା କରିବା ସହ ଅତୀତରେ ଜିଲ୍ଲାରେ ଉଦ୍ଧାର ହୋଇଥିବା ଅନେକ ଶିଶୁ ଶ୍ରମିକ ବର୍ତମାନ ଉଚ୍ଚ ଶିକ୍ଷିତ ଓ ଉତ୍ତମ କର୍ମ ନିଯୁକ୍ତି ପାଇଥିବା କହିଥିଲେ. ଏହି ଅଭିଯାନରେ ଜିଲ୍ଲାରେ ୧୪ ବର୍ଷରୁ କମ୍ ବୟସର ଶିଶୁ କୌଣସି କାର୍ଯ୍ୟ କ୍ଷେତ୍ରରେ ନିଯୁକ୍ତି ନକରିବା ଏବଂ ୧୪ ରୁ ୧୮ ବର୍ଷ କିଶୋର ମାନଙ୍କୁ କୌଣସି ବିପଦ ସଂକୁଳ କାଯ୍ୟ ରେ ନିଯୁକ୍ତ ନକରିବା ଏବଂ ଯଦି ଏହାର ଉଲଂଘନ ଦୃଷ୍ଟି ଗୋଚର ହୁଏ ତେବେ ନିଯୁକ୍ତି ଦାତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ଢ଼ାବା, ହୋଟେଲ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଚଢ଼ାଉ କରାଯାଇ କମଳମତି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ଥଇଥାନ ଏବଂ ଶିକ୍ଷାଦାନ ବ୍ୟବସ୍ଥା କରାଯାଉଛି। ମୟୂରଭଞ୍ଜ ଜିଲ୍ଲା ଦିନେ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ପରିଚିତ ଥିଲା, ପୁଣିଥରେ ଏହି ପରିଚୟ ସୃଷ୍ଟି କରି ମଡେଲ ଜିଲ୍ଲା ଭାବେ ପରିଗଣିତ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଜଗଦୀଶ ଚନ୍ଦ୍ର ଘଡ଼ାଇ, ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ମିସେସ ଶିବାନୀ, ଡିଏସପି, ଏଚଆରପିସି, ସବିତା ମାଝୀ ପ୍ରମୁଖ ଶିଶୁ ଶ୍ରମିକ ନରାକରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ. ଅନ୍ୟମାନଙ୍କ ମଧ୍ୟରେ ଏଡ଼ିଏମଓ ଡ଼. ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଉଦଳା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ବଣିକ ସଙ୍ଘର କର୍ମକର୍ତ୍ତା ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ମାଲକାନଗିରି, ୨୮/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ମହେଶ୍ୱର ଚନ୍ଦ୍ର ନାଏକ ମଂଚାସୀନ ଥିଲେ। ପ୍ରାରମ୍ଭରେ ଯୋଜନା ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସଂପର୍କରେ ଆଲୋଚନା ଆରମ୍ଭ କରିଥିଲେ। ବିଧାୟକ ଶ୍ରୀ ବାକା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରୁକୋଣ୍ଡା, ମାଥିଲି, ଚିତ୍ରକୋଣ୍ଡା ଓ ଖଇରପୁଟ ବ୍ଲକ୍ର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ ମାଲକାନଗିରିର ଆଦିମ ବଣ୍ଡା ଓ ଦିଦାୟୀ ଭଳି ଜନଜାତିଙ୍କ ସାମଗ୍ରୀକ ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ତେଣୁ ବଣ୍ଡା ଓ ଦିଦାୟୀ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରାଥମିକତା ଭିତ୍ତିରେ ସମସ୍ତ ଉନ୍ନୟନ ପ୍ରକଳ୍ପକୁ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ଏଥି ନିମନ୍ତେ ଦୁଇ ଜନଜାତିଙ୍କ ନିମନ୍ତେ ପ୍ରକଳ୍ପ ସ୍ତରୀୟ କମିଟି ( ପିଏଲସି ) ବୈଠକ କରିବାକୁ ପ୍ରସ୍ତାବ ଦେଇଛନ୍ତି । ବର୍ଷା ସମୟ ଆରମ୍ଭ ହୋଇଯାଇଥିବାରୁ ସ୍ୱାଭିମାନ ଅଂଚଳର ଅପହଂଚ ଅଂଚଳର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି।

ଗୁରୁବାର, ଜୁନ୍ ୨୯, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଇଥିଓପିଆର ରେଭେରାନ୍ସ ଭର୍ଘିଜଙ୍କୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ

ବାଲେଶ୍ୱର, ୨୮/୦୬ (ନି.ପ୍ର): ରୋମାନ କ୍ୟାଥୋଲିକ, ଉତ୍ତର ଓଡ଼ିଶା ଡାଇଓସିସିର ୪ବର୍ଷ ଧରି ଖାଲିପଡ଼ିଥିବା ବିଶପ ପଦ ମଣ୍ଡନ ପାଇଁ ସୁଦୂର ସାଉଥ ଆଫ୍ରିକାରୁ ବାଲେଶ୍ୱରରେ ପହଞ୍ଚିଛନ୍ତି ଆରଟି ରେଭେରାନ୍ସ ଭର୍ଘିଜ୍ ଥୋଭାମକରା ସିଏମ। ବିମାନ ଯୋଗେ ସେ କୋଲକାତାରେ ପହଞ୍ଚିବା ସେଠାରୁ ସଡ଼କ ପଥରେ ଆସି ଚର୍ଚ୍ଚରେ ପହଞ୍ଚିଛନ୍ତି। କ୍ୟାଥଲିକ ଚର୍ଚ୍ଚ, ଜ୍ୟୋତି ହସପିଟାଲ, ବାଲେଶ୍ୱର ସାମାଜିକ ସେବା ସଂସ୍ଥା (ବିଏସଏସଏସ) କନଭେଣ୍ଟ ସ୍କୁଲ ସମେତ ସ୍ଥାନୀୟ ଶ୍ରୀକଣ୍ଠପୁର କ୍ୟାଥଲିକ ଯୁବକ ସଂଘ ପକ୍ଷରୁ ରେଭେରାନ୍ସ ଭର୍ଘିଜଙ୍କ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି। ବାଣ ଫୁଟାଇ, ବାଜା ବଜାଇ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା। ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଥମେ ଚର୍ଚ୍ଚର ପ୍ରାଥନା ଗୃହକୁ ଯାଇ ପ୍ରଭୁ ଯୀଶୁଙ୍କୁ ପ୍ରଣିପାତ କରିଥିଲେ। ଆସନ୍ତାକାଲି ବିଶପ ରେଭେରାନ୍ସ ଭର୍ଘିଜ୍ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ ସହ ଶପଥ ପାଠ କରିବେ ବୋଲି କ୍ୟାଥଲିକ ଚର୍ଚ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉତ୍ସବରେ ମୋଷ୍ଟ ରେଭେରାନ୍ସ ଜୋହନ ବରୱା ଓ ମୋଷ୍ଟ ରେଭେରାନ୍ସ ଲିଓ ପଲ୍ଲଦ ଜିରିଲି ବିଶେଷ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାରପ୍ରାପ୍ତ ବିଶପ ଆଇଜାକ ସୂଚନା ଦେଇଛନ୍ତି।



## ବାହୁଡ଼ାରେ ଧାଡ଼ି ପହଣ୍ଡିରେ ରଥାରୁଢ଼ ହେଲେ ମହାପ୍ରଭୁ

### ଆଜି ଓ ଆସନ୍ତାକାଲି ରଥଟଣା



ନୀଳଗିରି, ୨୮/୦୬ (ନି.ପ୍ର): ଜଗତରନାଥ ଜଗନ୍ନାଥଙ୍କ ମାନବୀୟ ଲୀଳାଖେଳାର ଚରମ ନିଦର୍ଶନପବିତ୍ର ଘୋଷଯାତ୍ରା। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁ ଙ୍କ ରଥଯାତ୍ରା ପାଳନ କରାଯାଇଥାଏ। ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ନିଜେ ବଡଦେଉଳରୁ ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ଙ୍କ ସହିତ ବାହାରି ନଅ ଦିନ ପର୍ଯ୍ୟନ୍ତ ଜନ୍ମବେଦୀ ମାଉସୀ ମା ମନ୍ଦିର ଯାଇଥାନ୍ତି। ଦଶମୀରେ ବାହୁଡ଼ା ଯାତ୍ରାରେ ରତ୍ନବେଦୀକୁ ଫେରିବାର ପରମ୍ପରା ରହିଛି। ବୁଧବାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରେ ଶ୍ରୀଜୀଉ ମାନଙ୍କ ନୀତିକାନ୍ତି ସମାପନ ପରେ ଅପରାହ୍ନରେ ଗୋଟି ପହଣ୍ଡିରେ ପ୍ରଥମେ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଏବଂ ସର୍ବଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇଥିଲା। ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିଲେ। ଆଜି ଓ ଆସନ୍ତା କାଲି ଦୁଇଦିନ ରଥଟଣା ହେବ। ବାହୁଡ଼ା ପହଣ୍ଡିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ନୀଳଗିରି ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଏନଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ତିନୋଟି ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ବାରିପଦା, ୨୮/୦୬ (ନି.ପ୍ର): ମୋରଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୋରଡା ବ୍ଲକ ଯୁଆଳିଭଙ୍ଗା ପଞ୍ଚାୟତ ଖଡ଼ିଶୋଳରୁ ଦହିକୋଟି ଭାୟା ମହୁଲବଣି ରାସ୍ତାର ଉନ୍ନତି କରଣ ପାଇଁ ଅଟକଳ ମୂଲ୍ୟ ୨କୋଟି ୪୭ଲକ୍ଷ ୭୫ ହଜାର ଟଙ୍କା, ରାସଗୋବିନ୍ଦପୁର ବ୍ଲକର ରାଘବପୁର ପଞ୍ଚାୟତ ଅନ୍ତର୍ଗତ ସୁମିତ୍ରାଦେଇପୁର ରୁ ଅଁଳା ରାସ୍ତାର ଉନ୍ନତି କରଣ ପାଇଁ ଅଟକଳ ମୂଲ୍ୟ ମୂଲ୍ୟ ୧କୋଟି ୧୯ଲକ୍ଷ ୪୦ ହଜାର ଏବଂ ଦେବଶୋଳ ପଞ୍ଚାୟତ ଅନ୍ତର୍ଗତ ବାଛୁରିପାଳରୁ ମୋହନପୁର ରାସ୍ତାର ଉନ୍ନତି କରଣ ପାଇଁ ଅଟକଳ ମୂଲ୍ୟ ୧କୋଟି ୧୪ଲକ୍ଷ ୧୧ ହଜାର ବ୍ୟୟ ରେ ନିର୍ମାଣ ହେବା ପାଇଁ ରାଜ୍ୟ ସରକାର ସ୍ଥିର କରିଥିବା ବେଳେ ଆଜି ମୋରଡା ବିଧାୟକ ରାଜକିଶୋର ଦାସ ଏହି ତିନୋଟି ରାସ୍ତାର ନବ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାର ଜଣାଯାଇଛି। ଏହି ରାସ୍ତା ଗୁଡିକର ଉନ୍ନତି କରଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘ ଦିନ ଧରି ଦାବୀ ହୋଇ ଆସୁଥିବା ବେଳେ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ବିଜେଡ଼ି ଜିଲ୍ଲାଉପ ସଭାପତି ଆଦିତ୍ୟ ପଣ୍ଡା, ମୋରଡା ବ୍ଲକ ଅଧକ୍ଷ୍ୟ ପିଥ ହେମ୍ବ୍ରମ, ଉପାଧକ୍ଷା ଜେମାମଣି ମହାନ୍ତ ,୪୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମିନାକ୍ଷୀ ସୋରେନ, ରାସଗୋବିନ୍ଦପୁର ବ୍ଲକର ୪୭ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଦଶରଥ ରାମ, ବିଜେଡି ଜିଲ୍ଲା ସମ୍ପାଦକ ଖ୍ରିତିସ ମହାନ୍ତ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ, ଧଡାସାହି ସରପଞ୍ଚ ତିଲକା ହାଁସଦା, ସ୍ଥାନୀୟ ବିଜେଡ଼ି କାର୍ଯକର୍ତ୍ତା ବେବୀ ରାଉଳ, ମାନବ ମହାନ୍ତି, ମୋନାଜ ଘୋଷ, ପ୍ରଫୁଲ୍ଲ ଦଳେଇ, ଅଶୋକ ସାହୁ, ପିତାମ୍ବର ଦାସ, ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ କେଜି ଓଜନର ଅଜଗର ସାପ ଉଦ୍ଧାର

ମାଲକାନଗିରି, ୨୮/୦୬ (ନି.ପ୍ର): ଜଙ୍ଗଲରୁ ଏକ ଅଜଗର ସାପ କୁକୁଡ଼ା ଖାଇବା ଆଶାରେ ଗାଁକୁ ଆସି ଫସିଯାଇଛି। ମାଲକାନଗିରି ଜିଲ୍ଲା ସଦର ମହକୁମା ଲାଠିଆଗୁଡା ଗ୍ରାମର ଜଣଙ୍କ କୁକୁଡ଼ା ଭାଡ଼ିରେ କୁକୁଡ଼ା ଖାଇବା ପାଇଁ ଅଜଗର ସାପଟିଏ ପସିଯାଇଥିଲା। ଫୋନ୍ କଲ୍ ପାଇ ଶିକ୍ଷୟତ୍ରୀ ସ୍ନେହା ଶ୍ରୀ ସୋରେନ୍ ଲାଠିଆଗୁଡାକୁ ଯାଇଥିଲେ। ସେଠାରେ ସେ ପ୍ରାୟ ୧ଘଂଟା ରୁ ଅଧିକ ସମୟ ପରିଶ୍ରମ କଲା ପରେ ଅଜଗର ସାପଟିକୁ ଉଦ୍ଧାର କରିଥିଲେ। ଏହି ସାପର ଲମ୍ବା ୧୦ ଫୁଟରୁ କିଛି ଅଧିକ ଥିବାବେଳେ ଏହା ର ଓଜନ ୨୦ କେଜି ଥିଲା।ଏହି ସାପଟି ର ଇଂରାଜୀ ନାମ 'ଚ'ରକ୍ ପାଇଥନ୍''ଚ ଅଟେ .ସାପଟିକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରି ବନ ବିଭାଗ ଅଧିକାରୀଙ୍କୁ ସେ ହସ୍ତାନ୍ତର କରିଛନ୍ତି। ଜଣେ ମହିଳା ଶିକ୍ଷୟତ୍ରୀ ନିର୍ଭୟରେ ଏକାକୀ ସାପଟିକୁ ଉଦ୍ଧାର କରିବା ଦୃଶ୍ୟ ଦେଖିବା ପାଇଁ ଗାଁରେ ଲୋକ ମାନଙ୍କ ଭିଡ଼ ଜମି ଯାଇଥିଲା। ସ୍ନେହା ଶ୍ରୀ ସୋରେନଙ୍କ ପେସା ଶିକ୍ଷକ, ହେଲେ ନିଶା ବନ୍ୟ ପ୍ରାଣୀ ଉଦ୍ଧାର ଓ ସାପଙ୍କୁ ଧରି ସୁରକ୍ଷିତ ସ୍ଥାନରେ ଛାଡିବା।

## ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା ଧାନି

ଉଦଳା , ୨୮/୦୬ (ନି.ପ୍ର): କପ୍ତିପଦା ବ୍ଲକ୍ର ମାଙ୍କଡ଼ପଡ଼ା ପଞ୍ଚାୟତ ଅନ୍ତର୍ଗତ ସାନଖୁଣ୍ଟା ବିଲ ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ଜିତ୍ରାଏ ମୁର୍ମୁଙ୍କ କନ୍ୟା ଧାନି ଆଜକୁ ଦୁଇ ବର୍ଷ ହେବ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି। ନ୍ତଧାନିନ୍ତ ଗ୍ରାମର ଥିବା ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ହେଲେ ୮ କି:ମି: ଦୂର ଯିବାକୁ ପଡୁଛି। ଜଙ୍ଗଲ ପାରିହୋଇ ନିୟମିତ ୮ କି:ମି: ରାସ୍ତା ଯିବା ଆସିବା କରି ପାଠ ପଢ଼ିବା ଧାନିଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଏତିକିବେଳେ ହଷ୍ଟେଲରେ ରହି ପାଠ ପଢ଼ିବା ପାଇଁ ଧାନି ଚାହୁଁଥିଲେ। କିନ୍ତୁ ହଷ୍ଟେଲ ମାନଙ୍କରେ କାର୍ଯ୍ୟରତ ସରକାରୀ ବାବୁମାନେ, ନ୍ତଆମ ହଷ୍ଟେଲରେ ଆଉ ସିଟ୍ ନାହିଁନ୍ତ ବୋଲି କହି ଫେରାଇ ଦେଲେ। ମାତା ମାଇନ ମୁର୍ମୁ ଦିନ ମଜୁରୀଆ ଭାବରେ କାମ କରି ପରିବାର ସମ୍ଭାଳୁଛନ୍ତି। ଘରୋଇ ବିଦ୍ୟାଳୟରେ ଝିଅକୁ ପଢ଼ାଇବାକୁ ଇଚ୍ଛାଥିଲେ ମଧ୍ୟ ଆର୍ଥିକ ଅବସ୍ଥା ବାଧକ ସାଜୁଛି ବୋଲି ମାଇନ ଜଣାଇଛନ୍ତି। ଏତିକିବେଳେ ଦୁଇ ବର୍ଷ ହେବ ପିତା ଜିତ୍ରାଏ ମୁର୍ମୁଙ୍କର ଦେହାନ୍ତ ହୋଇଯାଇଛି। ଏହି ସବୁ କାରଣରୁ ନ୍ତଧାନିନ୍ତ ପାଠ ପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଛି। ଧାନିର ବର୍ତ୍ତମାନ ବୟସ ୧୨ ବର୍ଷ ଛୁଇଁଲା। ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବୋଲି ସରକାର ଘୋଷଣା କରିଛନ୍ତି। ଅଥଚ ଧାନିଙ୍କ ପରି ୧୨ ବର୍ଷ ବୟସର ଛାତ୍ରୀ ଆଜକୁ ୨ ବର୍ଷ ହେବ ବିଦ୍ୟାଳୟ ବାହାରେ ରହିଛି। କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



## ପାର୍କରେ କାମ କରୁଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ

ଖୋର୍ଦ୍ଧା, ୨୮/୦୬ (ନି.ପ୍ର): ପାର୍କରେ କାମ କରୁଥିବା ବେଳେ ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।ସୂଚନା ମୁତାବକ କୁହୁଡି ଅଂଚଳର ଅର୍ଜୁନ ବିଶ୍ୱାଳ (୬୦) ଦୀର୍ଘ ଦିନ ଧରି ବଡ଼କୁଳରେ ଭଡା ଘରେ ରହି ଆସୁଥିଲେ। ସେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ପରିବାର କହିଲେ ସ୍ତ୍ରୀ, ତିନି ପୁଅ ବୋହୂ ଓ ନାତି ନାତୁଣୀ। ଆଜି ପୂର୍ବାହ୍ନରେ ବାଲୁଗାଁ ଶିଙ୍ଗେଶ୍ୱର ନିକଟରେ ଏକ ପାର୍କରେ କିଛି ଶ୍ରମିକ କାମ କରୁଥିବା ବେଳେ କାର୍ଯ୍ୟରତ ସମୟରେ ହଠାତ ଅର୍ଜୁନ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ତେବେ ଆଜି ସକାଳେ କାମକୁ ଆସିଥିବା ବେଳେ କାର୍ଯ୍ୟସ୍ଥଳୀରେ ହଠାତ ଅସୁସ୍ଥତା ଅନୁଭବ କରି ସେଠାରେ ତଳେ ପଡିଯାଇଥିଲେ।

## ବିଜ୍ଞାନ ଶିକ୍ଷକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ଜଳେଶ୍ୱର , ୨୮/୦୬ (ନି.ପ୍ର): ଖୁଲୁଡା ପଂଚାୟତର ବଡନଗର ଛକଠାରେ ଥିବା ଏକ କୋଚିଂ ସେଣ୍ଟରରେ କିଛିଦିନ ଧରି କେତେକ ଛାତ୍ରୀମାନଙ୍କୁ ଯୌନ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ ହେଉଥିଲା। ଶିକ୍ଷକ ଜଣକ ଆଜି ସେଠାରୁ ଖସି ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ବର୍ତ୍ତନା ପଂଚାୟତର କସିଦାସ୍ଥିତ ଭଗବତୀ ମାତା ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ବଡନଗର ଛକଠାରେ ମା ସକୁନ୍ତଳା କୋଚିଂ ସେଣ୍ଟର ଖୋଲି ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ କରି ଆସୁଥିଲେ। ସେଠାରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟ୍ୟୁସନ ହେଉଥିବା ବେଳେ ନିକଟସ୍ଥ ଗୌରୀବେଲଦା ଗାଁର କେତେକ ଛାତ୍ରୀ ଟ୍ୟୁସନ ହେଉଥିଲେ। ବିଭିନ୍ନ ସମୟରେ ଶିକ୍ଷକ ଜଣକ ସେମାନଙ୍କୁ ବ୍ୟକ୍ତିଗତଭାବେ ଡାକି ସେମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଦେଉଥିବା ଅଭିଯୋଗକରି ସେମାନେ ଆଉ ଟ୍ୟୁସନ ଆସିନଥିଲେ। ଏ ସଂପର୍କରେ ସେମାନେ ଘରେ କହିବାପରେ ଆଜି ସେମାନଙ୍କର ମା ମାନେ ଆସି ଶିକ୍ଷକଙ୍କୁ ପଚରାଉଚରା କରୁଥିବା ବେଳେ ସେ ଘଟଣାସ୍ଥଳକୁ ଖସି ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିକଟସ୍ଥ ଲୋକେ ଶିକ୍ଷକଙ୍କୁ ଅଟକାଇ ଏ ସଂପର୍କରେ ବୁଝାବୁଝି କରିବାକୁ ଚେଷ୍ଟା କରିଥିଲେ। ନିକଟସ୍ଥ ଦୁଇ ପଂଚାୟତର କେତେକ ନିର୍ବାଚିତ ପ୍ରତିନିଧି, ଗ୍ରାମ୍ୟ ମୁଖ୍ୟ ଏ ସଂପର୍କରେ ଆଲୋଚନା କରୁଥିବା ବେଳେ ଘଟଣାକୁ ଚପାଇବାଲାଗି ଉଦ୍ୟମ ହେଉଥିବା ଶୁଣିବାକୁ ମିଳୁଛି।

## ଓଡିଶା ସାହିତ୍ୟ ଏକାଡେମୀର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ଭଦ୍ରକ , ୨୮/୦୬ (ନି.ପ୍ର): ସଂସ୍କୃତି ଭବନ ଠାରେ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାରୋଟି ବିଷୟରେ ଯଥା ବକ୍ତୃତା, କବିତା ଆବୃତ୍ତି, ପ୍ରବନ୍ଧ, ସାହିତ୍ୟ ସମ୍ବର୍ଦ୍ଧିତ ସାଧାରଣ ଜ୍ଞାନ ସହିତ ଇଂରାଜୀରୁ ଓଡିଆ ଅନୁବାଦ ପ୍ରତିଯୋଗିତା ହୋଇଯାଇଛି। ଏହାକୁ ଭଦ୍ରକ ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ପ୍ରତି ବ୍ଲକରେ ଥିବା ବିଦ୍ୟାଳୟରୁ ପ୍ରତିଯୋଗିତା ମାଧ୍ୟମରେ ନିର୍ବାଚିତ ହୋଇଆସିଥିବା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଏବଂ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀଯୁକ୍ତ ପବିତ୍ର ପାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀର ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବହଳୀଙ୍କ ଉପସ୍ଥିତି, ଉପଦେଶ ଓ ସହାୟତାରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କବୀ ଓ ଭଦ୍ରକ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ, କବି କିଶୋର ପାଣିଗ୍ରାହୀ, କବି ରତିକାନ୍ତ ବେହେରା, ସମାଜସେବୀ ତଥା ରୋଟାରିଆନ ଅଭିଜିତ ନାୟକ, କବି ଶରତ ନାୟକ, କବୀ ମନୋରମା ରାୟ, ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନେ ତା ୧୬.୦୭.୨୦୨୩ ରିଖ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟରେ ଅଂଶଗ୍ରହଣ କରିବେ ବୋଲି ଘୋଷଣା କରାଯାଇଥିଲା ଓ ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଭଦ୍ରକ ସଂସ୍କୃତି ଭବନ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା କଥା ଘୋଷଣା କରାଯାଇଥିଲା।



## ଆସନ୍ତାକାଲି କମନ୍ ପି.ଜି. ଏଂଟ୍ରାନ୍ସ

ଭୁବନେଶ୍ୱର, ୨୮/୦୬ (ନି.ପ୍ର): ଆସନ୍ତାକାଲି (ଗୁରୁବାର) କମନ୍ ପି.ଜି. ଏଂଟ୍ରାନ୍ସ ପରୀକ୍ଷା ଅନୁଷ୍ଠିତ ହେବ। 'ଇଦ୍-ଉଲ୍-ଜୁହା' ଉପଲକ୍ଷେ ରାଜ୍ୟ ସରକାର ଜୁନ୍ ୨୯ (ଗୁରୁବାର) ଦିନଟିକୁ ଛୁଟି ଘୋଷଣା କରିଛନ୍ତି। ଏହି କ୍ରମରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ରହିଲେ ମଧ୍ୟ ଜୁନ୍ ୨୯ ତାରିଖ (ଗୁରୁବାର) ଦିନ ହେବାକୁ ଥିବା କମନ୍ ପି.ଜି. ଏଂଟ୍ରାନ୍ସ ପରୀକ୍ଷା (ସି.ପି.ଇ.ଟି-୨୦୨୩) ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗର ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ଦ୍ୱାରା ଏହି ଦିନ ହେବାକୁ ଥିବା ତିନୋଟି ସିଟିଂ ପୂର୍ବ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଜଣାଇଛନ୍ତି।

## ରୂପାୟନ କଳା ବିକାଶ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, ୨୮/୦୬ (ନି.ପ୍ର): ଜିଲାର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ରୂପାୟନ' ପକ୍ଷରୁ କଳା ବିକାଶ କେନ୍ଦ୍ର ଓ 'ପାଲାକ୍ଷୀ ପ୍ରି ସ୍କୁଲ' ଓ 'ଡେ କେୟର' ସହରର ହେମକାପଦା ଠାରେ ଉଦଘାଟିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରୂପାୟନ ସଂଗଠନର ଜନକଲ୍ୟାଣକାରୀ ଉଦ୍ୟମକୁ ପ୍ରଶଂସା କରିଥିଲେ। ନିଶା ନିବାରଣ, ମହିଳାଙ୍କୁ ଆତ୍ମନିର୍ଭଶୀଳ ପ୍ରଶିକ୍ଷଣ, ଗରିବ ଲୋକଙ୍କୁ ସହାୟତା ପ୍ରଭୃତିରେ ରୂପାୟନ ସଂଗଠନର ଅଗ୍ରଣୀ କାର୍ଯ୍ୟଧାରା ସର୍ବଦା ପ୍ରଶଂସନୀୟ ହୋଇଆସିଛି। ଏବେ କଳା ଓ ସଂସ୍କୃତିର ବିକାଶ ପାଇଁ ସଂଗଠନ ପକ୍ଷରୁ ଆରମ୍ଭ ହୋଇଥିବା ଅନୁଷ୍ଠାନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଦାସ କହିଥିଲେ। ଏଥି ସହିତ ଶିଶୁଙ୍କ ପାଇଁ ପ୍ରି ସ୍କୁଲ ଓ କର୍ମଜୀବୀ ମହିଳାଙ୍କ ଶିଶୁଙ୍କ ଲାଳନପାଳନ ପାଇଁ 'ଡେ କେୟର' ସ୍ଥାପନ ରୂପାୟନର କାର୍ଯ୍ୟ ପରିସରକୁ ବିସ୍ତାର କରିଛି ବୋଲି ସେ ମତ ଦେଇଥିଲେ। ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, କବି ଅଭୟ ଦାସ, ଡାକ୍ତର ବିଜୟ ପଣ୍ଡା, ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକ, କବି ଉମେଶ ଚନ୍ଦ୍ର ବାରିକ, ଅଞ୍ଜଳି ପଣ୍ଡା, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରୂପାୟନ ସଂଗଠନର ନୂତନ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା କାମନା କରିଥିଲେ। ରୂପାୟନ ସଂଗଠନର ମୁଖ୍ୟ ଶ୍ରଦ୍ଧାଞ୍ଜଳି ରାୟ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ କଳା ବିକାଶ କେନ୍ଦ୍ର ଏବଂ ପ୍ରି ସ୍କୁଲ ତଥା ଡେ କେୟର ଅନୁଷ୍ଠାନ ଶୁଭାରମ୍ଭର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ନନ୍ଦୀ, ଜୟଶ୍ରୀ ବିଶ୍ୱାଳ, ପ୍ରଜ୍ଞା ପାରମିତା ମହାନ୍ତି, ବାସନ୍ତୀ ସାମଲ, ବିଧାନ ଚନ୍ଦ୍ର ରାୟ, ପୁଷ୍ପଲତା ମହାନ୍ତି, କଲ୍ୟାଣୀ ନନ୍ଦ, ହେମଲତା ଦାସ, ବାସନ୍ତୀ ନାୟକ, ପ୍ରତିମା ପଣ୍ଡା ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

## ମହାବଳାରୁ ବାହୁଡିଲେ ମହାବାହୁ



ଲଙ୍ଗଳେଶ୍ୱର ୨୮/୬(ନିପ୍ର) ମାନ୍ଧାତା ଭକ୍ତି କ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଆଜି ଅପରାହ୍ନରେ ସ୍ଥାନୀୟ ମହାବଳା ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଅନୁଷ୍ଠିତ ହୋଇ ଯାଇଛି।ପ୍ରତିକୂଳ ପାଗ ସତ୍ତ୍ୱେ ଭକ୍ତଙ୍କ ସମାଗମ ଅଧିକ ହୋଇ ଥିବା ଦେଖିବାକୁ ମିଳିଛି। ଶ୍ରୀଜଗନ୍ନାଥ, ବଳଭଦ୍ର ,ମାତା ସୁଭଦ୍ରା , ଚକ୍ରରାଜ ସୁଦର୍ଶନ ପ୍ରମୁଖ ଶ୍ରୀ ଜୀଓ ମାନେ ମାଉସୀ ମାଆ ମନ୍ଦିରରୁ ଗୋଟି ପହଣ୍ଡିରେ ବାଦ୍ୟର ତାଳେ ତାଳେ ଝୁଲି ଝୁଲି ତାଳ ଧ୍ୱଜ ,ଦେବ ଦଳନ ,ନନ୍ଦିଘୋଷ ରଥରେ ଆରୁଢ଼ ହୋଇ ଥିଲେ। ଭକ୍ତି କ୍ଷେତ୍ର ର ସଭାପତି ଗୋପାଳକୃଷ୍ଣ ପାତ୍ର ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ଆରମ୍ଭ ହୋଇଥିଲା।ଏଠାରେ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣି ଥାନ୍ତି। ସମ୍ପାଦକ ସନାତନ ପାତ୍ର, ପ୍ରଦୀପ କୁମାର ଜେନା, ସରୋଜ କୁମାର ତୋଳା, ଗଜେନ୍ଦ୍ର ଧଳ, ଅଜୟ କୁମାର ପାତ୍ର, ମନୋରଞ୍ଜନ ସାମଲ,କୁମାରେଶ ଆଦକ, ଅରୁଣ ପାତ୍ର, ମନୋଜ ଦାସ, ସୁଧୀର କୁମାର ନନ୍ଦ, ଚିତ୍ତରଞ୍ଜନ ମଣ୍ଡଳ, ସର୍ବେଶ୍ୱର ପାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚଳନା କରିଥିଲେ। ସନ୍ଧ୍ୟା ରେ ତିନି ରଥ ମାନ୍ଧାତା ଭକ୍ତି କ୍ଷେତ୍ରରେ ପହଂଚି ଥିଲା।

## କେନ୍ଦୁଝରରେ ବରଯାତ୍ରୀଙ୍କ ଉପରେ ମାଡିଗଲା ଟ୍ରକ : ୫ ମୃତ ଓ ୭ ଗୁରୁତର

କେନ୍ଦୁଝର , ୨୮/୦୬ (ନି.ପ୍ର): କେନ୍ଦୁଝରରେ ଘଟି ଯାଇଛି ଏକ ହୃଦୟ ବିଦାରକ ଦୁଖଃଦ ଘଟଣା। ଗତକାଲି ବିଳମ୍ବିତ ରାତ୍ରୀରେ ଯାଉଥିବା ବରଯାତ୍ରୀଙ୍କ ଶୋଭାଯାତ୍ରା ଉପରେ ହଠାତ୍ ମାଡିଗଲା ଏକ ଲୌହ ଦାନବ ( ଟ୍ରକ)। କେନ୍ଦୁଝର ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଷଠୀଘର ସାହୀ ନିକଟରେ ଘଟିଛି ହି ଦୁର୍ଘଟଣା। କେନ୍ଦୁଝର ପୁରୁଣା ବଜାରସ୍ଥିତ ଷଠୀଘର ସାହୀସ୍ଥିତ କାର୍ତିକ ପାତ୍ର ଙ୍କର ଝିଅ ର ବାହାଘର ହରିଚନ୍ଦନପୁର ବ୍ଲକର ମାନପୁର ଗାଁର ହାଡିବନ୍ଧୁ ପାତ୍ରଙ୍କର ପୁଅ ହେମନ୍ତ ପାତ୍ରଙ୍କ ସହ ସ୍ଥିର ହୋଇଥିଲା। ବରଯାତ୍ରୀମାନେ ଖୁସିରେ ଡିଜେ ବଜାଇ ନାଚ ଗାନ ସହ ରୋଷଣୀ କରି ବରକୁ ନେଇ ଶୋଭାଯାତ୍ରାରେ ଯାଉଥିବା ସହ କନ୍ୟା ଘର ଠାରୁ ମାତ୍ର କିଛି ଦୂରରେ ପହଂଚିଥିବା ବେଳେ ଜାତୀୟ ରାଜପଥ ଉପରେ ଏକ ଟ୍ରକ ହଠାତ୍ ବର ଯାତ୍ରୀଙ୍କ ଉପରେ ମାଡିଯାଇଥିଲା। ଫଳରେ ଘଟଣା ସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହେବା ସହ ୭ ଜଣ ଗୁରୁତର ହୋଇଥିଲେ। ବରର ପୁତୁରା ଜିତ ପାତ୍ର ସହ ଜଣେ ବର ଯାତ୍ରୀ ସୁନିଲ ପାତ୍ର ଓ ଷଠୀଘର ସାହୀର ଦର୍ଶନ ମୁଣ୍ଡା , ଅମିତ ମୁଣ୍ଡା ବାପୁନ ଦେହୁରୀ ଙ୍କ ମୃତ୍ୟୁ ହୋଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ପହଂଚି ଗୁରୁତର ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ମୃତ ଦେହ ଗୁଡିକ ବିକ୍ଷିପ୍ତ ଭାବେ ପଡିଥିବା ସହ କାହାର ମୁଣ୍ଡ ତ କାହାର ପେଟ ଫାଟି ଅତି ବିଭତ୍ସ ଦେଖା ଯାଉଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo